ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୪ ଅଗଷ୍ଟ, ୨୦୨୩

## ବିଦ୍ୟୁତ୍ ସଂସ୍ପର୍ଶରେ ଶ୍ରମିକ ମୃତ

ଦିଗପହଣ୍ଡି (ଅଶେଷ ନାଥ ମିଶ୍ର)/ପାଟପୁର,(ସୀମାଞ୍ଚଳ ସାହୁ): ପାଟପୁର ଥାନା ନିକଟସ୍ଥ ଗାନ୍ଧିଛକରେ ଜଣେ ବ୍ୟକ୍ତିଙ୍କ ଘର କାମ କରୁଥିବା ବେଳେ ବୁଧବାର ସନ୍ଧ୍ୟାରେ ବିଦ୍ୟୁତ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ପାଟପୁର ବସଷ୍ଟାଣ୍ଡ ସାହିର କାଳୀଚରଣ ବାଡତ୍ୟା । କାଳୀଚରଣ ଲୁହାଛଡ଼ କାଟୁଥିବା ବେଳେ ଅସାବଧାନତାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ତାଙ୍କୁ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ମଧ୍ୟ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ପାଟପୁର ପୋଲିସ ଖବରପାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଛି ।



**ସଂକ୍ଷେପରେ**

### ତୁଳସୀ ଦାସଙ୍କ ଜୟନ୍ତୀ ପାଳିତ

ଶେରଗଡ଼,୨୩।୮(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ ନିକଟସ୍ଥ ଡେଙ୍ଗାପଦର ରଘୁନାଥ ମଠରେ ଶତାଧିକ ମହନ୍ତଙ୍କ ଯୋଗଦାନରେ ତୁଳସୀ ଦାସ ଜୟନ୍ତୀ ପାଳିତ ହୋଇଯାଇଛି। ପୁରୀ ଓଙ୍କାରନାଥ ମଠର ମହନ୍ତ ଯୋଗୀ ଦେବଦତ୍ତ ମହାରାଜ ସମେତ ଶତାଧିକ ମହନ୍ତ ଯୋଗଦେଇ ସନ୍ଥ ତୁଳସୀ ଦାସଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ତୁଳସୀ ଦାସଙ୍କ ଜୀବନ ଚର୍ଚ୍ଚାକୁ ସମସ୍ତ ମହନ୍ତମାନେ ଗ୍ରହଣ କରିପାରିଲେ ପୂରା ଗଞ୍ଜାମ ଜିଲାରେ ଏକ ସୁସ୍ଥ ଓ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇ ପାରିବ ବୋଲି ମହନ୍ତମାନେ ପ୍ରବଚନ ମାଧ୍ୟମରେ କହିଥିଲେ। ଡେଙ୍ଗାପଦର ମଠର ମଠାଧୀଶ ପରମାନନ୍ଦ ଦାସ ଗୋସ୍ୱାମୀଙ୍କ ସଂଯୋଜନାରେ ଅନୁଷ୍ଠିତ ଜୟନ୍ତୀରେ ମହନ୍ତ ନାରାୟଣ ରାମନୁଜଦାସ, ମଧୁସୂଦନ ଦାସ, ପଦ୍ମଲୋଚନ ଦାସ, ସୀତାରାମ ଦାସ, ରାମକୃଷ୍ଣ ମହାରାଜ, କେଶବ ରାମନୁଜଦାସ ପ୍ରମୁଖ ଯୋଗଦେଇଥିଲେ। ହରଭଙ୍ଗା ଜଳସେଚନ ରୁ ଖଇରବାଙ୍କ ଜଳସେଚନ କୁ ସଂଯୋଗୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପ୍ରଦାନ କରାଯାଇଛି ।

### ଦୁଇ ସ୍କୁଟି ମୁହାଁମୁହିଁ, ଉଭୟ ଚାଳକ ଗୁରୁତର

ବେଲଗୁଣ୍ଠା,୨୩।୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ଦୁଇଟି ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ବୁଧବାର ଗାଙ୍ଗପୁର ଥାନା ଅନ୍ତର୍ଗତ ବୋରୀ ଗ୍ରାମର ଦିଗାମ୍ବର ବିଷୋୟୀଙ୍କ ପୁଅ ସୋନୁ(୧୯) ତାଙ୍କ ଭଉଣୀ ଲେଲାଙ୍କୁ ଏକ ସ୍କୁଟିରେ ବସାଇ ବୋରୀରୁ ଗାଙ୍ଗପୁର ଅଭିମୁଖେ ଆସୁଥିବା ବେଳେ ସାମନା ପଟୁ ଆସୁଥିବା ଇ-କମ୍ ଡେଲିଭରୀ ବୟ ଭବାନୀ ପାଢୀଙ୍କ ସ୍କୁଟି ସହ ବୋରୀ ରାସ୍ତାର ଦଳକ ପୋଖରୀ ନିକଟସ୍ଥ ବୁଲାଣି ରାସ୍ତାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ସ୍କୁଟିରେ ଥିବା ତିନିଜଣଯାକ ତଳେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ଆହତ ତିନିଜଣଙ୍କୁ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଉଭୟ ସୋନୁ ଏବଂ ଭବାନୀଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଗାଙ୍ଗପୁର ପୋଲିସ ମେଡିକାଲ୍‌ରେ ପହଞ୍ଚି ତଦନ୍ତ ଚଳାଇଛି। ଡେଲିଭରୀ ବୟ୍ ଭବାନୀ କୋରାପୁଟ୍ ଅଞ୍ଚଳର ହୋଇଥିବା ବେଳେ ତାଙ୍କ ବାପାଙ୍କ ନାମ ବିମଳ ଚନ୍ଦ୍ର ପାଢୀ ବୋଲି ସୂଚନା ମିଳିଛି।

### ରାଜଶ୍ରୀ ବଳାସୀ ସମାଜ ସଭାଗୃହ ଭିତ୍ତିପ୍ରସ୍ତର ସ୍ଥାପନ

କବିସୂର୍ଯ୍ୟନଗର, ୨୩।୮(କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗର ବ୍ଲକ ବୋରିସିଂ ପଞ୍ଚାୟତର ବୋରିସିଙ୍ଗି ଗ୍ରାମରେ ରାଜଶ୍ରୀ ବଳାସୀ ସମାଜ ଲାଗି ସଭାଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଦ୍ୱାରା ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପାଞ୍ଚ ନଂ ଜିଲା ପରିଷଦ ବଳରାମ ପ୍ରଧାନ, ଗଞ୍ଜାମ ଜିଲା ଯୁବ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବୋରିସିଙ୍ଗି ସେ ସମିତି ସଭ୍ୟା ଲିଲି ବେହେରା , ରାଜଶ୍ରୀ ବଳାସୀ ସମାଜର ନାଏକ ବିକ୍ରମ ସାହୁ, କେନ୍ଦ୍ରୀୟ ସଭାପତି ମଗୁଲୁଧର ସାହୁ ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ଜମି ଅଧିକାର ପାଇଁ ଗ୍ରାମବାସୀଙ୍କ ଧାରଣା

ସୋରଡ଼ା, ୨୩।୮(ଲମ୍ବୋଦର ପାଣିଗ୍ରାହୀ):

ଦୀର୍ଘ ଦିନ ଧରି ଚାଷ କରିଆସୁଥିବା ଜମି ପଟା ପ୍ରଦାନ ଦାବିରେ ସୋରଡ଼ା ତହସିଲ ଅନ୍ତର୍ଗତ ବଞ୍ଜର ଗ୍ରାମବାସୀ ବୁଧବାର ତହସିଲ ସମ୍ମୁଖରେ ଧାରଣାରେ ବସିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ପ୍ଲଟ ନମ୍ବର – ୩୨୭, ୩୨୯ ଓ ୩୩୦ ସରକାରୀ ଜମିରେ ପୁରୁଷ ପୁରୁଷ ଧରି ଚାଷବାସ କରି ଜୀବିକା ନିର୍ବାହ କରିଆସୁଛନ୍ତି। ଅତୀତରେ ରାଜସ୍ୱ ନିରୀକ୍ଷକ ସେମାନଙ୍କୁ ନୋଟିସ ଦେଇ ଡାକିବା ସହ ଜୋରିମାନା ଆଦାୟ କରିଆସୁଛନ୍ତି। କିନ୍ତୁ ପରିତାପର ବିଷୟ, ଏତେ ବର୍ଷ ଧରି ଚାଷ କରି ଆସୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ସରକାରୀ ଜମିର ପଟା ଦିଆଯାଇ ନିୟମିତ କରାଯାଇ ନାହିଁ। ଇତି ମଧ୍ୟରେ ସେହି ଜମିରେ ସୋରଡ଼ା କୋର୍ଟର ନୂତନ ଏକ କୋଠା ନିର୍ମାଣ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଜାଣିବାକୁ ପାଇଛନ୍ତି।


ତହସିଲ ସମ୍ମୁଖରେ ଜମି ପଟା ପାଇଁ ଗ୍ରାମବାସୀମାନେ ଧାରଣାରେ ବସିଛନ୍ତି।

ତେଣୁ ଚାଷ କରି ବଞ୍ଚୁଥିବା ଜମିରେ କୋର୍ଟ ନିର୍ମାଣ ହେଲେ ସେମାନଙ୍କର ଜୀବିକା ଚାଲିଯିବାର ଭୟ ରହିଛି। ତେଣୁ ତହସିଲ ପାଇଁ ନୂତନ କୋଠା ନିର୍ମାଣଙ୍କୁ କୌଣସି ଆପତ୍ତି ନାହିଁ, କିନ୍ତୁ ଚାଷ କରୁଥିବା ଜମିରେ ନକରି ବିକଳ୍ପ ଜମି ଖୋଜି ସରକାର କୋର୍ଟ ନିର୍ମାଣ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଜୀବିକାରୁ ଉଚ୍ଛେଦ ନକରି ଚାଷ ଜମିରେ ପଟା ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରଫୁଲ୍ଲ କୁମାର ଡାକୁଆ କହିଛନ୍ତି, କୋର୍ଟ ପାଇଁ ୪ ଏକର ୭୦୦ ଡେସିମିଲ ଜାଗା ଦିଆଯାଇଛି ଆଇନ ବିଭାଗକୁ । ଚାଷ ଜମିର ପଟ୍ଟା ପ୍ରଦାନ ପାଇଁ ଉପରସ୍ଥ ନିର୍ଦ୍ଦେଶ ଆସିଲେ ପଦକ୍ଷେପ ନିଆଯିବ।

## ବୁଥ୍ ପରିଦର୍ଶନ କଲେ ପଞ୍ଚାୟତ ଅଧିକାରୀ

ବେଲଗୁଣ୍ଠା,୨୩।୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ବୁଧବାର ବେଲଗୁଣ୍ଠା ବ୍ଲକର ତନରଡା ସ୍ଥିତ ୭୫,୭୬ ଏବଂ ୭୭ ନମ୍ବର୍ ବୁଥ୍ ପରିଦର୍ଶନ କରିଛନ୍ତି। ଜିଲା ପଞ୍ଚାୟତ ଅଧିକାରୀ ପଟ୍ଟନାୟକ ତନରଡା ଗ୍ରାମପଞ୍ଚାୟତର ପାଟଣାସାହି ସ୍ଥିତ ୭୫ ନମ୍ବର୍ ବୁଥ୍ ପରିଦର୍ଶନ କରି ସେଠାରେ ବିଏଲ୍‌ଓ ରତ୍ନମାଳା ପୋଲେଇଙ୍କର ବୁଥ୍ ସ୍ତରୀୟ କାର୍ଯ୍ୟକ୍ରମର ତଦାରଖ କରିବା ସହିତ ରେଜିଷ୍ଟର୍ ଯାଞ୍ଚ୍ କରିଥିଲେ। ଏହା ସହିତ ବିଏଲ୍‌ଓ ଆପ୍‌ରୁ ଘରକୁ ଘର ସର୍ଭେର ଅଗ୍ରଗତି, ଯୋଗ୍ୟ ଭୋଟର୍‌ଙ୍କ ନାମ ଯୋଗା, ଅନାବଶ୍ୟକ ନାମ ବାଦ୍ କରିବା ଏବଂ ଭୋଟର୍ ତାଲିକା ସଂଶୋଧନ ବିଷୟ ଯାଞ୍ଚ୍ କରିଥିଲେ। ଏହା ସହିତ ପଟ୍ଟନାୟକ ନୂଆଁ ତନରଡାରେ ଥିବା ୭୬ ଏବଂ ୭୭ ନମ୍ବର୍ ବୁଥ୍ ମଧ୍ୟ ପରିଦର୍ଶନ କରିଥିଲେ। ବୁଥ୍ ପରିଦର୍ଶନ ସମୟରେ ପଟ୍ଟନାୟକଙ୍କ ସହ ବେଲଗୁଣ୍ଠା ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀ ଏବଂ ସ୍ଥାନୀୟ ବିଏଲ୍‌ଓ ସୁପରଭାଇଜର୍ ସୁବ୍ରତ ପାତ୍ର ଉପସ୍ଥିତ ଥିଲେ। ବେଲଗୁଣ୍ଠା ବ୍ଲକରେ ବୁଥ୍ ସ୍ତରୀୟ କାର୍ଯ୍ୟକ୍ରମ ଠିକ୍ ଢଙ୍ଗରେ ଚାଲିଥିବାରୁ ସେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋଶନ୍ ଶତପଥୀଙ୍କ ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ।

## ସ୍ତ୍ରୀଙ୍କୁ ହତ୍ୟା ମାମଲା, ସ୍ୱାମୀ ଜେଲ ଗଲେ

ଦିଗପହଣ୍ଡି,୨୩।୮(ଅଶେଷ ନାଥ ମିଶ୍ର)

ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ଦିଗପହଣ୍ଡି ପୋଲିସ ବୁଧବାର ମଙ୍ଗରାଜପୁର ଗ୍ରାମର ଏମ. ସନ୍ତ ଓରଫ ଏମ. ସନ୍ତୋଷ ରେଡ୍ଡୀଙ୍କୁ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୩୦୫/୨୩ ଅନୁଯାୟୀ ଜାମିନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ସନ୍ତୋଷଙ୍କ ସ୍ତ୍ରୀ ଏମ.ଶିବାନୀ ରେଡ୍ଡୀଙ୍କ ମୃତଦେହକୁ ଗତ ସୋମବାର ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ପୋଲିସ ଜବତ କରିଥିଲେ। ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଚୈତନ୍ୟ ପୁର ଗ୍ରାମର କେ. ବିଜୟ ରେଡ୍ଡୀଙ୍କ କନ୍ୟା ଶିବାନୀ ମଙ୍ଗରାଜପୁର ଗ୍ରାମର ସନ୍ତୋଷଙ୍କୁ ୩ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ସମୟରେ ସ୍ୱାମୀ ସନ୍ତୋଷ ଏବଂ ଶଶୁର ଘର ଲୋକଙ୍କ ଦାବି ପ୍ରକାରେ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ପ୍ରାୟ ଅଢେଇ ବର୍ଷ ଉଭୟଙ୍କ ଦାମ୍ପତ୍ୟ ଜୀବନ ଖୁବ ଖୁସିରେ କରିଥିବା ବେଳେ ଗତ ୬ ମାସ ପୂର୍ବେ ସନ୍ତୋଷ ତାଙ୍କ ସ୍ତ୍ରୀଙ୍କ ସମସ୍ତ ସୁନା ଗହଣା ବନ୍ଧକ ଦେଇ ଋଣ ଆଣିଥିଲେ। ପରେ ସ୍ୱାମୀ ଏବଂ ତାଙ୍କ ପରିବାର ଲୋକେ ଅଧିକା ଯୌତୁକ ପାଇଁ ଶିବାନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ଗତ ସୋମବାର ତାଙ୍କୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ଶିବାନୀଙ୍କୁ ଚେତା ଶୂନ୍ୟ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଶିବାନୀ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ନେଇ ଶଶୁର ଘର ଲୋକେ ପୋଲିସକୁ କହିଥିଲେ। ଘଟଣାର ପରଦିନ ଶିବାନୀଙ୍କ ବାପା କେ. ବିଜୟ ରେଡ୍ଡୀ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ସନ୍ତୋଷଙ୍କୁ ଗିରଫ କରିଥିଲା।

## ଜଳସେଚନ ପ୍ରକଳ୍ପରେ ପାଣି ଛାଡ଼ିବାକୁ ଦାବି

ଶେରଗଡ, ୨୩।୮ (ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକର ୧୦ଟି ପଞ୍ଚାୟତକୁ ଜଳସେଚନ ସୁବିଧା ନେଇ ପାଇପ ବିଛା କାମ ଶେଷ ହୋଇଛି। ବର୍ଷା ନଥିବା ବେଳେ ଚାଷ କାର୍ଯ୍ୟ ଆଗେଇ ପାରୁନି। ଜମିରେ ପାଣି ନଥିବା ଯୋଗୁଁ ଚାଷ କାର୍ଯ୍ୟ ଆଗେଇ ପାରୁନି। ଚାଷ କାର୍ଯ୍ୟରେ ବାଧକ ସାଜିଛି ପାଣି। ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ସେଥିରେ ପାଣି ଛଡ଼ା ନଯିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ଉକ୍ତ ପ୍ରକଳ୍ପରେ ପାଣି ଛଡାଗଲେ ବନ୍ଧାଗୁଡା, କୁଲାଗଡ, ଶେରଗଡ, ମହୁପଦର, ଟାକରଡା, ଧନନ୍ତର, ଗୋବିନ୍ଦପୁର, କୃଷ୍ଣଛାଇ, ଧବଳପୁର, ଡେଙ୍ଗାପଦର ଆଦି ପଞ୍ଚାୟତକୁ ଜଳସେଚିତ ହୋଇପାରିବ। ପ୍ରକଳ୍ପରୁ ତୁରନ୍ତ ପାଣି ଯୋଗାଣ କଲେ ୧୦ ପଞ୍ଚାୟତର ସମସ୍ତ ଜମି ଜଳସେଚିତ ହେବାସହ ଫସଲ ଉତ୍ପାଦନରେ ଉତ୍ତମ ସହାୟକ ହେବ। ତେଣୁ ତୁରନ୍ତ ପାଣି ଯୋଗାଣ କରିବାକୁ ଲୋକେ ଦାବି କରିଛନ୍ତି।

## ଶ୍ରୀ ବାଲାଜୀ କଲେଜର ସ୍ୱନକ୍ଷତ୍ର ଉତ୍ସବ

ଟିକିଟି,୨୩।୮(ପ୍ରକାଶ ଚନ୍ଦ୍ର ସାହୁ): ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମରେ ଅବସ୍ଥିତ ଶ୍ରୀ ବାଲାଜୀ ମହାବିଦ୍ୟାଳୟର ୪୪ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ଅଧ୍ୟକ୍ଷ ରଘୁନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଦୀପ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଏମ.ଏସ.ରାଓ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼କ୍ଟର ସୁରେନ୍ଦ୍ରନାଥ ପାଣିଗ୍ରାହୀ, ଆକୁଳାନନ୍ଦ ପାଢ଼ୀ, ଅଧ୍ୟକ୍ଷ ଡକ୍ଟର ସୁଦର୍ଶନ ପଟ୍ଟନାୟକ, ଖେମୁଣ୍ଡି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମୁରଲୀ ପ୍ରଧାନ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରସମାଜର ଭୂମିକା, ସେମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ଅଧ୍ୟକ୍ଷ ଡ଼କ୍ଟର ସୁଦର୍ଶନ ପଟ୍ଟନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସଂଗେ ସଂଗେ ଭବିଷ୍ୟତର ଚାଲେଞ୍ଜକୁ ମୁକାବିଲା କରିବା ହେଉଛି ପ୍ରତ୍ୟେକ ଛାତ୍ରର କର୍ତ୍ତବ୍ୟ। ଅଧ୍ୟକ୍ଷ ଅୟସକାନ୍ତି ମହାନ୍ତି କାର୍ଯ୍ୟକର୍ମର ସୂଚନା ପ୍ରଦାନ କରିବା ସଂଗେ ସଂଗେ ଅଧ୍ୟାପକ ସ୍ମୃତିରଞ୍ଜନ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ମୁକ୍ତା ଟିମ୍‌ର ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ

ଜି.ଉଦୟଗିରି,୨୩।୮(ଶିଶିର ପଟ୍ଟନାୟକ) ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ରାଜ୍ୟ ମୁକ୍ତା ଯୋଜନାର ପରାମର୍ଶଦାତା ଦୀପକ କୁମାର କର ଏବଂ ସନ୍ଦିପ୍ତ ରଥ ବୁଧବାର ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଦର୍ଶନ କରି ସମସ୍ତ ମୁକ୍ତା କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଥିଲେ। ଏନ୍‌ଏସିର ବିଭିନ୍ନ ୱାର୍ଡରେ ହୋଇଥିବା ମୁକ୍ତା ଯୋଜନାରେ ଉନ୍ନତିମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଥିଲେ। ୧ ନମ୍ବର ୱାର୍ଡରେ ଜିମ୍, ୪ ନଂ. ୱାର୍ଡର ମିନି ପାର୍କ, ୫ ନଂ. ୱାର୍ଡର ରାସ୍ତା ପାର୍ଶ୍ୱ ଶୌଚାଳୟ, ୬ ନଂ. ୱାର୍ଡର ଓପନ ଜିମ୍ ଏବଂ ଶିଶୁ ଖେଳ ଉଦ୍ୟାନ, ୭ ନଂ ୱାର୍ଡରେ ଖୋଲା ସ୍ଥାନର ସୌନ୍ଦର୍ଯ୍ୟକରଣ, ୮ ନଂ. ୱାର୍ଡରେ ଓପନ ଜିମ୍, ୧୧ ନଂ. ୱାର୍ଡରେ ପେଭର ୱାକିଂ ଟ୍ରାକ୍, ୧୨ ନଂ. ୱାର୍ଡରେ ମିନି ପାର୍କ, ୧୩ ନଂ. ୱାର୍ଡରେ ଶିଶୁ କ୍ରୀଡ଼ା ଉଦ୍ୟାନ ପରିଦର୍ଶନ କରିଥିଲେ। ସମସ୍ତ କ୍ଷେତ୍ର ପରିଦର୍ଶନ ବେଳେ ଉପରୋକ୍ତ କାମ କରିଥିବା ମିଶନ ଶକ୍ତି ଗ୍ରୁପ ଏବଂ ବସ୍ତିବାସିନ୍ଦା ସଂଘ ସହ ମୁକ୍ତାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ ସମୟରେ ରାଜ୍ୟ ଟିମ୍ ସହ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ଏବଂ ପ୍ରୋଗ୍ରାମ କୋର୍ଡିନେଟର, ପ୍ରଭାତ ରଞ୍ଜନ ସାହୁ ଉପସ୍ଥିତ ଥିଲେ।

## ୫-ଟି ସଚିବଙ୍କ ଗସ୍ତ ନେଇ ପ୍ରସ୍ତୁତି


ପୂର୍ବତନ ନଗରପାଳ ହରପ୍ରସାଦ ସାହୁଙ୍କ ବାସଭବନରେ ବିଜେଡି କର୍ମୀମାନଙ୍କୁ ନେଇ ବୈଠକରେ ଆଲୋଚନା ଚାଲିଛି ।

କୋଦଳା,୨୩।୮(ଅମିତ କୁମାର ପଟ୍ଟନାୟକ):

ଆସନ୍ତା ୨୫ତାରିଖରେ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ଗସ୍ତକୁ ନେଇ ସ୍ଥାନୀୟ ପ୍ରଶାସନ ତତ୍ପର ହୋଇଛି। ବୁଧବାର ଗଞ୍ଜାମ ଏସପି ଜଗମୋହନ ମିନା, ପୁରୁଷୋତ୍ତମପୁର ଏସଡିପିଓ ରଜନୀ କାନ୍ତ ସାମଲ ବେଗୁନିଆପଡା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବେଗୁନିଆପଡା ବ୍ଲକ ବିଜେଡି ପକ୍ଷରୁ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜୋରସାରରେ ପ୍ରସ୍ତୁତି ଚାଲିଛି। ସେହିପରି ପୂର୍ବତନ ନଗରପାଳ ହରପ୍ରସାଦ ସାହୁ ନିଜ ବାସଭବନରେ ବିଜେଡି କର୍ମୀମାନଙ୍କୁ ନେଇ ଏକ ବୈଠକ କରି ୫-ଟି ସଚିବଙ୍କ ଗସ୍ତକୁ ସଫଳ କରିବା ପାଇଁ ନିଜ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ପୂର୍ବତନ ନଗରପାଳିକା ସୁନିତା ପ୍ରଭା ସାହୁ ଉପସ୍ଥିତ ରହି ମହିଳା ମାନେ କିପରି କାର୍ଯ୍ୟକ୍ରମରେ ସାମିଲ ହେବେ ଗୁରତ୍ୱ ଦେଇଥିବା ବେଳେ ଯୁବଶକ୍ତି ସାମିଲ ପାଇଁ ଯୁଥ ଫୋରମ ଆବାହିକା ରଞ୍ଜିତା ସାହୁ ଗୁରୁତ୍ୱାରୋପ ଦେଇଛନ୍ତି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ଗଞ୍ଜାମ,୨୩।୮(ବିଦ୍ୟାଧର ସାହୁ) ଦୀର୍ଘବର୍ଷ ହେବ କାଇଁଚପୁରରୁ ଆସି ଗଞ୍ଜାମ ସହର ଓଡ଼ିଆ ଡମଣା ସାହିରେ ରହୁଥିବା ଧର୍ମପରାୟଣା ମହିଳା ଜି. ସାଇବକ୍ଷଣି ରେଡ୍ଡିଙ୍କ ୭୨ ବର୍ଷ ବୟସରେ ପରଲୋକ ଘଟିଛି। ସେ ଗଞ୍ଜାମ ବଡ଼ ବଜାର ବଣିକ ସଂଘ କୋଷାଧ୍ୟକ୍ଷ ଜି. ରାମଦାସ ରେଡ୍ଡିଙ୍କ ମାତା। ସେ ଜଣେ ମିଷ୍ଟଭାଷୀ ମେଳାପୀ ଓ ଧର୍ମପରାୟଣ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳବାସୀ ଗଭୀର ମର୍ମାହତ। ତାଙ୍କ ମୃତ୍ୟୁ ବେଳକୁ ବଡ଼ପୁଅ ଆଦୀନାରାୟଣ ରେଡ଼ି ଓ ସାନ ପୁଅ ରାମଦାସ ପ୍ରମୁଖ ଉପସ୍ଥିତ ଥିଲେ। ଋଷିକୁଲ୍ୟା ଶ୍ମଶାନ ଘାଟ ନିକଟରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା।

## ୧୨୦ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ


ଭତ୍ତା ବଣ୍ଟନ କରାଯାଉଛି।

ଛତ୍ରପୁର,୨୩।୮(ସନ୍ତୋଷ ପାଢ଼ୀ):

ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁରର ରଘୁନାଥ ମନ୍ଦିରରେ ମଧୁବାବୁ ପେନସନ ଯୋଜନାରେ ୧୨୦ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ପୂର୍ବତନ ସମିତି ସଭ୍ୟ ଜ୍ୟୋତିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ତଥା କୃଷି ଓ କୃଷକ ସଶକ୍ତୀକରଣର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ଗଞ୍ଜାମ ବିଜେଡି ଉପସଭାପତି ଶଙ୍କର ପ୍ରସାଦ ଦାଶ, ପୂର୍ବତନ ଜିଲାପରିଷଦ ସଭ୍ୟ ଏସ କିଶୋର ଚନ୍ଦ୍ର ରେଡ୍ଡୀ, ମୁନା ଦାସ ଓ ପ୍ରମୋଦ ପ୍ରଧାନ, ନରେନ୍ଦ୍ରପୁର ସମିତି ସଭ୍ୟା ବି. ସୋନାଲି ସେନାପତି, ଚମାଖଣ୍ଡି ସରପଞ୍ଚ ସି.ଏଚ ମନୋଜ ରେଡ୍ଡୀ, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଏସ.ସଞ୍ଜିବ ରେଡ୍ଡୀ, ସୁନ୍ଦରପୁର ସରପଞ୍ଚ ଗଗନ ବେହେରା, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ମହାନାଦପୁର ସମିତି ସଭ୍ୟ ସୁନିତା ବେହେରା, ପୂର୍ବତନ ସମିତି ସଭ୍ୟ ଅଶୋକ ପାଣିଗ୍ରାହୀ, ଯୁବନେତା ବାପି ଦାସ, ବଡମାଧପୁରର ଶିବ ଶଙ୍କର ସେଠୀ, ଦିଲେଶ୍ୱର ରେଡ୍ଡୀ, ଭଗବାନ ନାହାକ, ବିଭି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବାଘଶଳା-ବଡ଼ଗାଁ-ଭିନ୍ନୋଳା ରାସ୍ତା ଶୋଚନୀୟ

ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା)୨୩।୮ ଗୋଷାଣୀ ବ୍ଲକ ଅନ୍ତର୍ଗତ ବାଘଶଳା-ବଡ଼ଗାଁ-ଭିନ୍ନୋଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଆସୁଥିବା ରାସ୍ତାଟି ଶୋଚନୀୟ ଅବସ୍ଥାରେ ପଡ଼ିଛି । ଏହି ଗ୍ରାମ୍ୟ ରାସ୍ତାଟିର ଦୈର୍ଘ୍ୟ ପ୍ରାୟ ୩.୫ କିମି ଅଟେ। ଉକ୍ତ ବାଘଶଳା-ବଡ଼ଗାଁ-ଭିନ୍ନୋଳା ରାସ୍ତା ତିନି ଖଣ୍ଡ ଗ୍ରାମବାସୀଙ୍କ ମୁଖ୍ୟ ଗମନାଗମନର ମାଧ୍ୟମ ସାଜିଥିବା ବେଳେ ରାସ୍ତାର ମରାମତି ତଥା ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହା ଖାଲଖମାରେ ପରିଣତ ହୋଇଛି । ଉକ୍ତ ରାସ୍ତା ଦେଇ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଗ୍ରାମାଞ୍ଚଳ ସହ ପାରଳାଖେମୁଣ୍ଡି ଯାତାୟାତ ନିମନ୍ତେ ଲୋକମାନେ ନିର୍ଭର କରିଥାନ୍ତି। ହେଲେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଯାନବାହନ ଚଳାଚଳ କରିବାରେ ନାନାଦି ସମସ୍ୟା ଉପୁଜୁଛି। ବର୍ଷା ଦିନେ ଖାଲଖମାରେ ପାଣି ଜମି ରହିବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି । ସେହିପରି ଏହି ଗ୍ରାମ୍ୟରାସ୍ତାର ଦୁଇପଟେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ପାଣି ନିଷ୍କାସନ ନ ହୋଇପାରି ରାସ୍ତା ଉପରେ ଆବର୍ଜନା ପାଣି ଜମି ରହିବା ସହ କର୍ଦ୍ଦମାକ୍ତ ପରିବେଶ ସୃଷ୍ଟି କରୁଛି। ଏହି କାଦୁଅରେ ମଶାବଂଶ ବୃଦ୍ଧି ପାଉଛି । ବଡ଼ ବଡ଼ ଯାନବାହନ ଯାତାୟାତ କରିବା ସମୟରେ ଘର ମଧ୍ୟକୁ କାଦୁଅ ଛିଟା ପଡୁଥିବା ଅଞ୍ଚଳବାସୀ କହିଛନ୍ତି । ଏନେଇ ଅଗରଖଣ୍ଡି ସରପଞ୍ଚ ଓଷାବତୀ ବାରିକ, ପୂର୍ବତନ ସମିତି ସଭ୍ୟ ଚୈତନ୍ୟ ବରାଡ, ଯୁବସାମାଜିକ କର୍ମୀ ଚନ୍ଦ୍ରଶେଖର ପ୍ରଧାନ ପ୍ରମୁଖଙ୍କ ସହ ତିନି ଗ୍ରାମବାସୀ ବାରମ୍ବାର ରାସ୍ତା ମରାମତି ତଥା ନୂତନ ରାସ୍ତା ନିର୍ମାଣ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଗୁହାରି କରିଥିଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବା ଜଣାଇଛନ୍ତି । ଯଦି ଆଗାମୀ ଦିନରେ ଏହି ଗ୍ରାମ୍ୟରାସ୍ତା ମରାମତି ତଥା ନିର୍ମାଣ କରା ନ ଯାଏ ତେବେ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଅଞ୍ଚଳବାସୀ କହିଛନ୍ତି।


ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

### କୃଷି ସଚେତନତା ରଥ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୨୩।୮(ଗିରିଧାରୀ ପରିଚ୍ଛା): ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟଠାରେ କୃଷି ସଚେତନତା ରଥ ଉଦଘାଟିତ ହୋଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ହିରେନିଅସ ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଖରିଫ ଋତୁରେ ଧାନ ପରିବର୍ତ୍ତେ ଅନ୍ୟାନ୍ୟ ଅଣ ଧାନ ଫସଲ କରିବା ପାଇଁ ସରକାରଙ୍କ ଦ୍ୱାରା ବିବିଧକରଣ ଯୋଜନା କରାଯାଇ ବୃହତ୍ତ ଉଠା ଜଳସେଚନ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି। ଗୁମ୍ମା, କାଶୀନଗର ବ୍ଲକରେ ଚାଷୀମାନଙ୍କୁ ସଚେତନତା କରିବା ପାଇଁ ଏହି ରଥ ୫ ଦିନ ଧରି ବୁଲିବ। ଚାଷୀମାନେ ସଚେତନ ହେଲେ ଖରିଫ ଋତୁରେ ଏହି ଅଣଧାନ ଫସଲ କରି ଚାଷୀମାନେ ଲାଭବାନ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ନିର୍ଦ୍ଦେଶକ ସୁରଜ କୁମାର ପାତ୍ର, ଗୋସାଣି ସହକାରୀ କୃଷି ଅଧିକାରୀ, ଗୁମ୍ମା ସହକାରୀ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଶାଳୀଙ୍କୁ ହତ୍ୟା, ଭିଣୋଇ ଗିରଫ

ଜଗନ୍ନାଥପ୍ରସାଦ(ବିଜୁ ପ୍ରସାଦ ପଟ୍ଟନାୟକ)/ବୁଗୁଡ଼ା (କାଳିଚରଣ ଦାଶ), ୨୩।୮

ନାବାଳିକା ଶାଳୀଙ୍କ ସହିତ ପ୍ରେମ ସମ୍ପର୍କ ରଖିବା ପରେ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଅପହରଣ କରିନେବା ଓ ପରେ ହତ୍ୟା କରିଥିବା ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଭିଣୋଇଙ୍କୁ ପୋଲିସ ଗିରଫ କରି ତଦନ୍ତ ଜାରି ରଖିଛି।
ପ୍ରକାଶ ଯେ, ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଝାଡ଼ଭୁମି ପଞ୍ଚାୟତ ଅନ୍ତର୍ଗତ ବରକୋଳିଆ ଗ୍ରାମର ସନ୍ତୋଷ ଖଣ୍ଡେଇ ମଙ୍ଗରାଜପୁର ଗ୍ରାମର ଗୋପାଳ ସାମଲଙ୍କ ବଡ଼ ଝିଅକୁ ବିବାହ କରିଥିଲେ। ସନ୍ତୋଷ ବହୁ ସମୟରେ ଶ୍ୱଶୁର ଘରେ ରହୁଥିଲେ। ସେଠାରେ ଶାଳୀ ବର୍ଷାଙ୍କ ସହିତ ପ୍ରେମ ସମ୍ପର୍କ ରଖିଥିଲେ। ପରିବାର ଲୋକ ଜାଣିବା ପରେ ସ୍ୱାଇଁ ସନ୍ତୋଷକୁ ପଚରାଉଚରା କରିବାରୁ ସେ ସ୍ୱୀକାର କରିବା ସହ ଦୁହିଁଙ୍କୁ ସ୍ତ୍ରୀ ରୂପରେ ରଖିବା ପାଇଁ ରାଜି ହୋଇ ୧୭ ତାରିଖରେ ନିଜ ଗ୍ରାମ ବରକୋଳିଆ ନେଇଯାଇଥିଲେ। ପରେ ଝିଅ ବିଷୟରେ ଖବର ନେବା ପାଇଁ ଗୋପାଳ ସ୍ୱାଇଁଙ୍କୁ ଫୋନ କରି କେଉଁଠି ଅଛ ବୋଲି ପଚାରିବାରୁ ଆମେ ଦୁହେଁ ଜଣେ ସାଙ୍ଗଙ୍କ ଘରେ ଅଛୁ, ଦୁଇ ଦିନ ପରେ ଫେରିବୁ ବୋଲି କହିଥିଲେ। କିନ୍ତୁ ପରେ ଫୋନ ନ ଉଠାଇବାରୁ ୨୦ତାରିଖରେ ଗୋପାଳ ସ୍ୱାଇଁ ସନ୍ତୋଷ ତାଙ୍କ ନାବାଳିକା ଝିଅଙ୍କୁ ଅପହରଣ କରିନେଇଥିବା ନେଇ ବୁଗୁଡ଼ା ଥାନାରେ ଏତଲା ଦେଇଥିଲେ। ଗତ ୨୧ ତାରିଖ ରାତିରେ ବୁଗୁଡ଼ା ପୋଲିସ ଜଗନ୍ନାଥପ୍ରସାଦ ପୋଲିସ ସହାୟତାରେ ବରକୋଳିଆ ଗ୍ରାମରୁ ସନ୍ତୋଷ ଖଣ୍ଡେଇକୁ ଉଠାଇ ନେଇ ପଚରାଉଚରା କରିଥିଲା। ବର୍ଷାଙ୍କୁ ହତ୍ୟା କରି ସେ ବରକୋଳିଆ ଗ୍ରାମ ସନ୍ନିକଟ ଧୋବାତଳ କଲମୀ ଆମ୍ବ ବଗିଚା ନିକଟରେ ଥିବା ଏକ ପରିତ୍ୟକ୍ତ କୁଅରେ ପକାଇଦେଇଥିବା ସ୍ୱୀକାର କରିଥିଲେ। ବୁଧବାର ଭଞ୍ଜନଗର ଏସଡିପିଓ ବିଶ୍ୱାମିତ୍ର ହରପାଲ, ବୁଗୁଡ଼ା ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା, ସବଇନ୍ସପେକ୍ଟର ଶଙ୍କର ସେଠି, ଏଏସଆଇ ଅର୍ଜୁନ କୁମାର କଅଁର, ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଦମକଳ ବାହିନୀ ସହାୟତାରେ କୂଅ ଭିତରୁ ଗଳିତ ମୃତଦେହ ଜବତ କରିଥିଲେ। ମାମଲା ନମ୍ବର ୬୦୪/୨୩ପ୍ରକାରେ ନାବାଳିକା ଅପହରଣ ଓ ହତ୍ୟା ଅଭିଯୋଗରେ ସନ୍ତୋଷକୁ ଗିରଫ କରାଯାଇଥିବା ବେଳେ ମୃତଦେହ ବ୍ୟବଛେଦ ନିମନ୍ତେ ଏଫଏମଟିକୁ ପଠାଯାଇଥିବା ପୋଲିସ କହିଛି।

## ହାତୀ ସୁରକ୍ଷା ପାଇଁ ସମନ୍ୱୟ ବୈଠକ

ଭଞ୍ଜନଗର,୨୩।୮(ବାବୁଲା ପ୍ରଧାନ)

ଘୁମୁସର ବନଖଣ୍ଡରେ ବନ୍ୟପ୍ରାଣୀ ଶିକାର ଦିନକୁ ଦିନ ବଢ଼ିବାରେ ଲାଗିଛି। ବନ ବିଭାଗ ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସକ୍ଷମ ହୋଇପାରୁନାହିଁ। ଅନ୍ୟପଟେ ଜଙ୍ଗଲ କ୍ଷୟ ଯୋଗୁ ହାତୀ, ବାରହା, ହରିଣ ଭଳି ପ୍ରାଣୀ ସହର ଏବଂ ଗ୍ରାମ ଅଭିମୁଖେ ଚାଲି ଆସୁଛନ୍ତି। ଭଞ୍ଜନଗର ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ୭୭ଟି ହାତୀ ଅଛନ୍ତି। କିନ୍ତୁ ନୟାଗଡ଼, ଖୋର୍ଦ୍ଧା ଜିଲା ସୀମାବର୍ତ୍ତୀ ଜଙ୍ଗଲଗୁଡ଼ିକ ଦିନକୁ ଦିନ କ୍ଷୟ ହେଉଥିବା ଯୋଗୁ ହାତୀମାନେ ଗଞ୍ଜାମ ଜିଲା ବାହାରକୁ ପ୍ରାୟ ଯାଉନାହାନ୍ତି । ବିଗତ ପ୍ରାୟ ଏକ ବର୍ଷ ମଧ୍ୟରେ ଉତ୍ତର



ହାତୀ ସୁରକ୍ଷା ପାଇଁ ମରାଯାଇଥିବା ବୋର୍ଡ଼ ।

ଘୁମୁସର ବନଖଣ୍ଡରେ ୮ଟି ହାତୀ ପ୍ରାଣ ହରାଇଥିବା ବେଳେ ଦକ୍ଷିଣ ଘୁମୁସର ବନଖଣ୍ଡରେ ମଧ୍ୟ ଗୋଟିଏ ହାତୀର ମୃତ୍ୟୁ ହୋଇଛି। ତେଣୁ ହାତୀ କିଭଳି ସୁରକ୍ଷିତ ରହିପାରିବେ ସେଥିପାଇଁ ବାରମ୍ବାର ଡ଼ିଭିଜନ ଏବଂ ରେଞ୍ଜସ୍ତରରେ ଆଲୋଚନା ହେଉଛି। ବୁଧବାର ଅପରାହ୍ନରେ ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜରେ ବିଦ୍ୟୁତ୍ ଏବଂ ବନ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ ହୋଇଥିଲା । ଏଥିସହ ଏକ ପଥପ୍ରାନ୍ତ ନାଟକ ମଧ୍ୟ ହୋଇଥିଲା। ଏହାପୂର୍ବରୁ ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟରେ ଦୁଇ ରେଞ୍ଜର କର୍ମଚାରୀ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀମାନଙ୍କୁ ନେଇ ଆଲୋଚନା ହୋଇଥିଲା । ଏଥିରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ବୈଠକରେ ବିଦ୍ୟୁତ୍ ତାର କିଭଳି ନିର୍ଦ୍ଧାରିତ ଉଚ୍ଚତାରେ ରହିବ, କର୍ମଚାରୀ ଏବଂ ଲୋକଙ୍କ ମଧ୍ୟରେ ସମନ୍ୱୟ ବଢ଼ିବ ସେ ନେଇ ଆଲୋଚନା ହୋଇଥିଲା । ଏଥିସହ ହାତୀ ସୁରକ୍ଷା ଉପରେ ଅଧିକରୁ ଅଧିକ କିଭଳି ସଚେତନତା କାର୍ଯ୍ୟକ୍ରମ କରାଯିବ ତାହା ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

ଅନ୍ୟପକ୍ଷରେ ମଙ୍ଗଳବାର ତାରସିଂ ରେଞ୍ଜ ହଲନ୍ଦଖୋଲା ପୋଖରୀ ନିକଟରେ ଏକ ସମ୍ବରକୁ ମାରି କିଛି ଲୋକ ତାର ମାଂସ ଭାଗ ବାଣ୍ଟୁଥିଲେ । ଜଙ୍ଗଲ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ଚଢ଼ାଉ କରି କିଛି ମାଂସ ଓ ଛାଲକୁ ଜବତ କରିଥିଲା। କିନ୍ତୁ ଅଭିଯୁକ୍ତମାନଙ୍କୁ କାବୁ କରିପାରିନଥିବା ଜଣାପଡ଼ିଛି।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରଦ୍ଧାଞ୍ଜଳି ସଭା


ସଭାରେ ଉପସ୍ଥିତ ଅତିଥି ।

ଫୁଲବାଣୀ,୨୩।୮(ରାକେଶ କୁମାର ରାଉତ)

ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଫୁଲବାଣୀ ଗାନ୍ଧି ସ୍ମୃତି ସଭାଗୃହରେ ବୁଧବାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସଂସ୍କୃତ ଭାଷା ଓ ସାହିତ୍ୟ ଗବେଷକ ଡଃ ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ସ୍ୱାମୀଜୀଙ୍କ ଜିବନ ଚର୍ଯ୍ୟା, ତାଙ୍କ ଜୀବନୀ, କାର୍ଯ୍ୟ କଳାପ ଉପରେ ଆଲୋଚନା କରିଥିଲେ। ଆଜକୁ ୧୫ ବର୍ଷ ତଳେ ତୁମୁଡିବନ୍ଧ ସ୍ଥିତ ଜଲେଶପଟ୍ଟା ଆଶ୍ରମରେ କେତେଜଣ ଦୁର୍ବୃତ୍ତ ପଶି ସ୍ୱାମୀଜୀଙ୍କ ସମେତ ୫ ଜଣଙ୍କୁ ହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ସରକାର ତଦନ୍ତ କମିଶନ ବସାଇଥିଲେ। ହେଲେ ଏଯାଏ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନାହିଁ କି ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରାଯାଇ ନ ଥିବାକୁ ନେଇ ଅତିଥିମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ସଭାରେ ଜିଲାର ବହୁ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୭୨ କେଜି ଗଞ୍ଜେଇ ଜବତ, ପାନ ଦୋକାନୀ ଗିରଫ

ଦିଗପହଣ୍ଡି/ପାଟପୁର,୨୩।୮
(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ପାଟପୁର ଥାନା ପୋଲିସ ବୁଧବାର ସାନଖେମୁଣ୍ଡି ବ୍ଲକ ପୋଡାମାରୀ ପଞ୍ଚାୟତ ବଡାଗଡ ଗ୍ରାମର ଏକ ପାନ ଦୋକାନ ଉପରେ ଚଢ଼ାଉ କରି ପ୍ରାୟ ୭୨ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୋଲିସ ପୋଡାମାରୀ ଭଞ୍ଜ ସାହିର ପାନ ଦୋକାନୀ ପାଣ୍ଡବ ପ୍ରଧାନଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଅଭିଯୁକ୍ତ ଜଣକ ବଡାଗଡ ଗ୍ରାମରେ ଛୋଟିଆ ପାନ ଦୋକାନ ଖୋଲି ବ୍ୟବସାୟ କରୁଥିବା ବେଳେ ଦୀର୍ଘ ଦିନ ଧରି ସେ ବେଆଇନ ଭାବେ ଲୁଚାଛପା ଭାବେ ଗଞ୍ଜେଇ ବିକ୍ରି କରୁଥିବା ପୋଲିସ ଖବରପାଇ ଚଢ଼ାଉ କରିଥିଲା। ଦୋକାନରେ ଯାଞ୍ଚ ପରେ ବିପୁଳ ପରିମାଣର ଗଞ୍ଜେଇ ମିଳିଥିଲା। ସାନଖେମୁଣ୍ଡି ତହସିଲଦାର ଡ଼. ଶ୍ରୀନିବାସ ବେହେରାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯିବା ପରେ ସେଥିରେ ୭୨ କେଜି ୮୦୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଥିଲା। ପାଟପୁର ଥାନା ମାମଲା ନଂ. ୫୪୩/୨୩ ମାମଲା ରୁଜୁ କରାଯାଇଥିବା ଆଇଆଇସି ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି।

### ନବବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ

ଗୁମ୍ମା,୨୩।୮(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ ଗାଇବା ଗ୍ରାମର ବର୍ଷା ମହାନ୍ତି ରାୟଗଡା ଜିଲା ଗୁନ୍ଥୁଲି ଗ୍ରାମର ସନ୍ତୋଷ ପାତ୍ରଙ୍କ ସହ ଜୁନ ୨୮ରେ ବାହାଘର ହୋଇଥିଲା। ବାହାଘରର ୩ ମାସ ନ ପୂରୁଣୁ ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ବର୍ଷାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ଗତ କିଛି ଦିନ ହେବ ଯୌତୁକକୁ ନେଇ ବର୍ଷା ସହ ତା'ଙ୍କ ଶାଶୁ ଯୁକ୍ତିତର୍କ କରିଥିଲେ। ବର୍ଷାଙ୍କ ବାପା ରାୟଗଡା ଜିଲା ପୁଟାସିଂ ଥାନାକୁ ଯାଇ ଏତଲା ଦେଇଛନ୍ତି। ଥାନା ଅଧିକାରିଣୀ ଗୁନ୍ଥୁଲି ଗ୍ରାମକୁ ଯାଇ ମୃତଦେହ ଜବତ କରିଛନ୍ତି। ବ୍ୟବଚ୍ଛେଦ ନିମନ୍ତେ ଗୁଣୁପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ରିପୋର୍ଟ ଆସିଲା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ କହିଛି।

### ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ୩୭ ୟୁନିଟ ରକ୍ତ ସଂଗୃହୀତ

ପାତ୍ରପୁର, ୨୩।୮(ଉମା ଚରଣ ନେପାକ)

ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୩୭ୟୁନିଟ ରକ୍ତ ସଂଗୃହୀତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସମ୍ପିତ ବେଗରାୟଙ୍କ ଜନ୍ମଦିନରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ପାତ୍ରପୁର ବିଡିଓ ସୁମନ ସୁଧା କୁଣ୍ଡୁ ଶୁଭାରମ୍ଭ କରିଥିଲେ। ଶିବିରରେ ଚାରିଜଣ ଡାକ୍ତର ପ୍ରଦୀପ କୁମାର ରଣଜିତ, ଅପ୍ରମେୟ ବେହେରା, ସୁଜିତ ସାହୁ ରମାବଲ୍ଲଭ ପଣ୍ଡାଙ୍କ ସହିତ ରାଧାକୃଷ୍ଣ ସାହୁ, ଜୟଦେବ ବେହେରା, ଦିଗନ୍ତ ମହାନ୍ତି, ବୃନ୍ଦାବନ ନାୟକ, ସଂବାରୁ ନାୟକ, ପରମାନନ୍ଦ ଶବର, ଶୁଭମ ମୁଖୀ, ଉପେନ୍ଦ୍ର ନାୟକ, ପ୍ରୀତିରେସ ମଲ୍ଲିକ ପ୍ରମୁଖଙ୍କ ସହ ଅନ୍ୟମାନେ ରକ୍ତଦାନ କରିଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମପୁର ପୂର୍ବ ରୋଟାରୀ କ୍ଲବ ତରଫରୁ ସଭାପତି ନାରସୁ ଜେନା, ସମ୍ପାଦକ ଲିଙ୍ଗରାଜ ନାୟକ ପ୍ରମୁଖଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

### ଗୁରୁଦିବସ ପ୍ରସ୍ତୁତି ବୈଠକ

ରମ୍ଭା,୨୩।୮(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ରମ୍ଭା ସହର ଅଧିନସ୍ଥ ଗାୟତ୍ରୀ ଶକ୍ତିପୀଠ ପରିସରରେ ବ୍ଲକସ୍ତରୀୟ ଗୁରୁ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠତ ହୋଇଯାଇଛି। ଗୁରୁ ପୂଜନ କମିଟିର ଆବାହକ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରାଙ୍କ ଆହ୍ୱାନ କ୍ରମେ ରମ୍ଭା ଅଞ୍ଚଳର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ବରିଷ୍ଠ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଭୁକ୍ତା ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଗଞ୍ଜାମ ବ୍ଲକ୍ ମିଳିତ ଶିକ୍ଷକ ସଂଘର ସମ୍ପାଦକ ଅଭିରାମ ନାୟକ, ଗଞ୍ଜାମ ବ୍ଲକ୍ ପ୍ରାଥମିକ ଶିକ୍ଷକ (ପିଷ୍ଟା)ର କୋଷାଧ୍ୟକ୍ଷ ଜୟକୃଷ୍ଣ ତ୍ରିପାଠୀ, ପାଲଙ୍ଗ ସିଆରସିସି ସୀମାଞ୍ଚଳ ପାଣି ଏବଂ ରମ୍ଭା ଅଞ୍ଚଳର ଶିକ୍ଷକ ମହାଦେବ ମଲିକ, ସୁଦର୍ଶନ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ବେହେରା, ରଙ୍କନିଧି ନାୟକ, ଦୁଲ୍ଲଣି ବେହେରା, ଅଳକା ବେହେରା, ରତିକାନ୍ତ ବେହେରା, ଆନନ୍ଦ ଚନ୍ଦ୍ର ନାହାକ, ବସନ୍ତ ବେହେରା, ଦିଲିପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ଶେଷରେ ଶିକ୍ଷକ ଶେଷଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାର୍‌ହା ଉପଦ୍ରବରୁ ଫସଲ ନଷ୍ଟ, ଚିନ୍ତାରେ ଚାଷୀ

ଧରାକୋଟ,୨୩।୮(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ମୁଣ୍ଡମରାଇ ପଞ୍ଚାୟତ ଅନ୍ତର୍ଗତ ପୋଡ଼ାପଲି ଗ୍ରାମର ପରିବା ଚାଷ ହେଉଥିବା ଜମିରେ ଜଙ୍ଗଲୀ ବାର୍‌ହା ପଶି ପନିପରିବା ଖାଇବା ସହ ନଷ୍ଟ କରୁଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଗାଁ ଆଖ ପାଖ ଜମିରେ ବଂଶୀଧର ପ୍ରଧାନ, ସହଦେବ ପ୍ରଧାନ, ଚନ୍ଦ୍ର ପ୍ରଧାନ, ପଞ୍ଚାନନ ପ୍ରଧାନ ପ୍ରମୁଖ ମକା, ଜହ୍ନି, ବାଦାମ,ବାଇଗଣ ଭଳି ବିଭିନ୍ନ ପ୍ରକାରର ପନିପରିବା ଲଗାଇଛନ୍ତି । ଠିକ ପରିବା ଆଦାୟ ସମୟକୁ ନିକଟସ୍ଥ ଧନୁ ସିଂହ ଓ ଶୁଲିଆ ପାହାଡ଼ରେ ରହୁଥିବା ବାର୍‌ହା ପଲ ରାତିରେ କ୍ଷେତରେ ପଶି ଫସଲ ନଷ୍ଟ କରୁଛନ୍ତି। ଏ ସମ୍ପର୍କରେ ସଂପୃକ୍ତ ଚାଷୀମାନେ ଧରାକୋଟ ବନପାଳ ଓ ଆସିକା ରେଞ୍ଜରଙ୍କୁ ଲିଖିତ ଅଭିଯୋଗ କରିବା ପରେ ବନପାଳ ଅକ୍ଷୟ ତ୍ରିପାଠୀ ପରିବା ଚାଷ ହେଉଥିବା ଅଞ୍ଚଳକୁ ବୁଲି ଦେଖିଛନ୍ତି । ପ୍ରକାଶ ଯୋଗ୍ୟ ମୁଣ୍ଡମରାଇ ପଞ୍ଚାୟତର ହୀରାଖଣ୍ଡି, ସିନ୍ଦୂରା ପଲି, ସୁନାପଲି, ପୋଡ଼ାପଲି ଓ ସରଧା ପୁର ପଞ୍ଚାୟତର କୁସରାବ, ଲକ୍ଷ୍ମୀ ପୁର, ବରିଗୁଡ଼ା, ସରଧା ପୁର ପ୍ରଭୃତି ଗ୍ରାମରେ ବିଭିନ୍ନ କିସମର ପନିପରିବା ଚାଷ କରାଯିବା ସହ ଉତ୍ପାଦିତ ହେଉଥିବା ପରିବାକୁ ଆସିକା, ବ୍ରହ୍ମପୁର, ହିଞ୍ଜିଳି ଓ କବିସୂର୍ଯ୍ୟନଗର ଆଦି ସ୍ଥାନକୁ ପଠାଯାଇଥାଏ। ସଂପ୍ରତି ବାରହା ପଶି ଫସଲ ଖାଇବା ସହ ନଷ୍ଟ କରୁଥିବାରୁ ଚାଷୀମାନଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଏଣୁ ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ସଚିବଙ୍କ ଗସ୍ତ ନେଇ ସମୀକ୍ଷା କଲେ ଉପଜିଲାପାଳ

ଆସିକା,୨୩।୮ (ସୁରେନ୍ଦ୍ର ନାଥ ସାହୁ):

୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ଅପରାହ୍ନରେ ଆସିକା ଗସ୍ତରେ ଆସିବେ। କଲେଜଛକସ୍ଥିତ ପଡିଆରେ ଏହି କାର୍ଯ୍ୟକ୍ରମ ଲାଗି ପ୍ରସ୍ତୁତି ଜୋରଦାର କରାଯାଇଛି । ସଚିବଙ୍କ ନିକଟରେ ଅଭିଯୋଗ ଦାଖଲ ଲାଗି ଏ ଅଞ୍ଚଳର ପ୍ରାୟ ୧୫ ହଜାର ଜନସାଧାରଣଙ୍କ ସମାଗମ ହେବାର ଆକଳନ କରାଯାଇଛି । ବୁଧବାର ଭଞ୍ଜନଗର ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଉପଜିଲ୍ଲାପାଳଙ୍କ ସହ ଆସିକା ଏସଡିପିଓ ଉମାଶଙ୍କର ସିଂ, ବିଡିଓ ଫକୀର ଚରଣ ପରିଡା, ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଥାନା ଅଧିକାରୀ ସ୍ୱରୂପ କିଶନ, କୋଟିନଡା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବେଗୁନିଆପଡ଼ା,୨୩।୮(ସୁଶାନ୍ତ କୁମାର ପଟ୍ଟନାୟକ)

ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକ ସ୍ତରୀୟ ଏକ ଉଦ୍ୟାନ କୃଷି କର୍ମଶାଳା ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ବେଗୁନିଆପଡ଼ା ମଙ୍ଗଳା ମନ୍ଦିର ନିକଟରେ ଥିବା ଗୋଷ୍ଠୀ ସାଧନ କେନ୍ଦ୍ରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆପଡ଼ା ବ୍ଲକ ଉଦ୍ୟାନ କୃଷି ବିଭାଗର ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରତାପ ପଣ୍ଡା, ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ଆତ୍ମା ଅଧ୍ୟକ୍ଷ ବିଜୟ ପ୍ରଧାନ, କାଳିମେଘି ସରପଞ୍ଚ ଅର୍ଚ୍ଚନା ତ୍ରିପାଠୀ, ବରିଷ୍ଠ ସାମାଜିକ କର୍ମୀ ମହେଶ୍ୱର ବରାଡ, ବେଗୁନିଆପଡ଼ା ସରପଞ୍ଚ ପ୍ରତିନିଧି ଦଣ୍ଡୁ ପ୍ରଧାନ, ଦିଗାପଡା ସରପଞ୍ଚ ସମୀର କୁମାର ଶତପଥୀଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ତଥା ମହିଳା ଗୋଷ୍ଠୀ ସଦସ୍ୟମାନେ ଯୋଗ ଦେଇଥିଲେ। ମହିଳା କିଷାନ ମାନଙ୍କର ଜୀବନଜୀବିକାର ଉନ୍ନତି ସହ ଉଦ୍ୟାନ କୃଷି ସମ୍ବନ୍ଧୀୟ ବିଭିନ୍ନ ନୀତିର ଶିକ୍ଷା ଦେଇଥିଲେ ପ୍ରମୁଖ ଅଧିକାରୀ।

## ଘୁମୁସର ଜିଲା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଦାବି

### କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ

ଭଞ୍ଜନଗର,୨୩।୮(ବାବୁଲା ପ୍ରଧାନ):

ଆସନ୍ତା ୨୫ ତାରିଖରୁ ତିନିଦିନିଆ ଗଞ୍ଜାମ ଜିଲା ଗସ୍ତରେ ୫-ଟି ସଚିବ ଭି.କେ.ପାଣ୍ଡିୟାନ ଆସୁଛନ୍ତି। ଏ ନେଇ ବୁଧବାର ଘୁମୁସର ଜିଲା ଆନ୍ଦୋଳନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭଞ୍ଜନଗର ଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସଚିବଙ୍କ ଗସ୍ତକୁ ବିରୋଧ କରାଯିବ ନାହିଁ ଘୋଷଣା କରାଯାଇଛି। କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ମାନେ କହିଛନ୍ତି ଯେ, ଘୁମୁସର ଜିଲା ଆନ୍ଦୋଳନ ୧୯୯୩ ମସିହାରୁ ଚାଲିଛି । ୫ଟି ସଚିବ ୨୦୦୭ରୁ ୨୦୧୦ ମଧ୍ୟରେ ଗଞ୍ଜାମ ଜିଲାପାଳ ଥିବା ସମୟରେ ଘୁମୁସର ଜିଲା ଆନ୍ଦୋଳନ ଉପରେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ତେଣୁ କ୍ରିୟାନୁଷ୍ଠାନ କମିଟି ସଚିବଙ୍କୁ ଭଞ୍ଜନଗର ଗସ୍ତ ସମୟରେ ଭେଟି ଦାବିପତ୍ର ଦେବା ବ୍ୟବସ୍ଥା କରିବ। ଜିଲାପାଳ ଥିବା ସମୟରେ ଯେଉଁ ଚିଠି ଲେଖିଥିଲେ ବର୍ତ୍ତମାନ ସେ ଘୁମୁସର ଜିଲା ଘୋଷଣା ଉପରେ ପ୍ରତିଶୃତି ଦେବେ ବୋଲି କମିଟି ଆଶା ରଖିଛି । ସରକାର ଯଦି ଘୁମୁସର



ଖବରଦାତା ସମ୍ମିଳନୀରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

ଜିଲା ଦାବି ପୂରଣ କରିବାରେ ବିଳମ୍ବ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ସହରରୁ ଗ୍ରାମାଞ୍ଚଳକୁ ନିଆଯିବ ବୋଲି କହିଛି। ଏହି ସମ୍ମିଳନୀରେ କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ବରିଷ୍ଠ ବାମପନ୍ଥୀ ନେତା ସୋମନାଥ ନାୟକ, ପୂର୍ବତନ ଜିଲା କଂଗ୍ରେସ ସମ୍ପାଦକ ତଥା କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ପ୍ରଶାନ୍ତ ବିଷୋୟୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା ଉପ ସଭାପତି ଶିବରାମ ପଣ୍ଡା, ଗ୍ରାମୀଣ ଡ଼ାକ ସେବକ କର୍ମଚାରୀ ସଂଘର ପୂର୍ବତନ ରାଜ୍ୟ ସଭାପତି ତଥା କାର୍ଯ୍ୟକାରୀ ସଭ୍ୟ ହରେକୃଷ୍ଣ ସାହୁ, ଗୋବରା ପ୍ରଫୁଲ କୁମାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ନଳିନୀପ୍ରଭା ଦାସ , ସମ୍ପାଦକ ପ୍ରକାଶ ସାହୁ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ପାତ୍ର, ରବିନାରାୟଣ ସାମନ୍ତ, ଭଞ୍ଜ କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ।

## ବ୍ଲକସ୍ତରୀୟ ଋଣ ବଣ୍ଟନ ମେଳା

ଆସିକା,୨୩।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର ବାବନପୁରସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ବୁଧବାର କୃଷି, କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଏକ ଋଣ ମେଳା ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ ବଳରାମ ଯୋଜନା ଅଧୀନରେ ସମବାୟ ବିଭାଗ ପକ୍ଷରୁ ୧୬ଟି ଗୋଷ୍ଠୀକୁ ୧ଲକ୍ଷ ଟଙ୍କା ଲେଖାଏଁ ଋଣ ବଣ୍ଟନ କରାଯାଇଥିଲା । ଆତ୍ମାର ଅଧ୍ୟକ୍ଷା ରାଜେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗଦେଇ ଏହି ଋଣ ଚେକ ବଣ୍ଟନ କରିଥିଲା ବେଳେ ସହକାରୀ ସମବାୟ ନିବନ୍ଧକ ବିଜୟ କୁମାର ସାହୁ, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ସହକାରୀ କୃଷି ଅଧିକାରୀ ସୁଭ୍ରତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ମିଶ୍ରଣ ପର୍ବ


ଅନ୍ୟ ଦଳରୁ ଆସି ବିଜେଡିରେ ମିଶିଥିବା ସଦସ୍ୟ।

ମୋହନା,୨୩।୮(ମନ୍ମଥ ମିଶ୍ର):

ମୋହନା ବ୍ଲକ ଅନ୍ତର୍ଗତ ଦେଉଳଖଣି ଗ୍ରାମରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଏବଂ ନିରପେକ୍ଷ ସୁଶାସନ ସହ ଜନକଲ୍ୟାଣକାରୀ ଯୋଜନା ଗୁଡିକରେ ପ୍ରଭାବିତ ହୋଇ କଂଗ୍ରେସ ଛାଡି ଦେଉଳଖଣି ଗ୍ରାମର ୪୫ ପରିବାରର ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବିଜେଡିରେ ସାମିଲ ହୋଇଛନ୍ତି। ରାଜ୍ୟ ଓବିସି ସେଲ୍ ଉପଦେଷ୍ଟା ପୃଥିବୀରାଜ୍ ସାହୁ, ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ୍, ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ବ୍ଲକ ଉପସଭାପତି ଦଣ୍ଡାସୀ ସାହୁ, ମୋହନା ଜୋନ ଜିଲା ପରିଷଦ ସଭ୍ୟ ଚନ୍ଦ୍ର କୁମାର ମଳିକ, ଓକିଲ ବିଳାସ ନାୟକଙ୍କ ସମେତ ବିଜେଡିର ବହୁ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଏସିଆନ ଗ୍ୟାସ ଏଜେନ୍ସି ଉପରେ ଚଢ଼ାଉ

ଫୁଲବାଣୀ, ୨୩।୮(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ଫୁଲବାଣୀ ହାଟପଦାରେ ଥିବା ଏସିଆନ ଗ୍ୟାସ ଏଜେନ୍ସି ଉପରେ ଚଢ଼ାଉ କରାଯାଇଛି । ଚଢ଼ାଉ ବେଳେ କେତେକ ସିଲିଣ୍ଡରରେ ଆବଶ୍ୟକଠାରୁ କମ୍ ଓଜନ ଗ୍ୟାସ ଥିବା ଜଣାପଡିବା ପରେ ସେଗୁଡିକୁ ଜବତ କରାଯାଇଛି। ଜିଲାର ସର୍ବପୁରାତନ ଏହି ଗ୍ୟାସ ଏଜେନ୍ସି ତାର ଗରାଖ ମାନଙ୍କୁ ଠକୁଥିବା ସ୍ପଷ୍ଟ ହୋଇଛି । ଏହି ଚଢ଼ାଉରେ ଜିଲା


ଗୋଦାମରେ ଯାଞ୍ଚ ହେଉଥିବା ସିଲିଣ୍ଡର।

ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଯୋଗାଣ ନୀରିକ୍ଷକ କବିତାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ । ଖାଉଟିମାନଙ୍କ ଅଭିଯୋଗ କ୍ରମେ ନିୟମିତ ଗ୍ୟାସ ମିଳୁ ନ ଥିବାରୁ ଏହି ଚଢ଼ାଉ କରାଯାଇଥିଲା। ଆଗକୁ ଚଢ଼ାଉ ଜାରି ରହିବ ବୋଲି ଜିଲା ଯୋଗାଣ ଅଧିକାରୀ ମିଶ୍ର ସୂଚନା ଦେଇଛନ୍ତି ।

## ପିସ୍ତଲ, ଗୁଳି ଜବତ ; ୧ ଗିରଫ

ଖଲ୍ଲିକୋଟ,୨୩।୮(ପ୍ରଶାନ୍ତ କୁମାର ମିଶ୍ର):

ଖଲିକୋଟ ବ୍ଲକ ଅନ୍ତଗତ ୧୬ ନମ୍ବର ରାଜପଥର ବଡ଼ ଘାଟିରେ ପୋଲିସ ପାଟ୍ରୋଲିଂ ବେଳେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଜଣୈକ ଯୁବକଙ୍କୁ ବୁଧବାର ସକାଳେ ପୋଲିସ କାବୁ କରିଥିଲା। ପଚରାଉଚରା ବେଳେ ସେ ଲୁଟ କରିବା ପାଇଁ ଯୋଜନା କରୁଥିବା ଜାଣିବାକୁ ପାଇଥିଲା। ଉକ୍ତ ଯୁବକକୁ ପୋଲିସ ଗିରଫ କରିବା ସହ ଗୋଟିଏ ପିସ୍ତଲ, ଗୋଟିଏ ମାଗାଜିନ ଓ ଦୁଇଟି ଜୀବନ୍ତ ଗୁଳି ଜବତ କରିଥିଲା। ଗିରଫ ଅଭିଯୁକ୍ତ ହେଉଛନ୍ତି କୁସଡ଼ିପା ଗ୍ରାମର ନରୋତ୍ତମ ଦାସ ଓରଫ ଗିଲୁ। ଖଲ୍ଲିକୋଟ ଥାନାରେ କେସ ନମ୍ବର ୫୯୯/୨୦୨୩ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ନରୋତ୍ତମ ବିରୋଧରେ ପୂର୍ବରୁ ଖଲ୍ଲିକୋଟ ଥାନାରେ ୧୦ ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି।

## ୨ ଆମ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୨୩।୮ (ଗିରିଧାରୀ ପରିଚ୍ଛା)::

ଗଜପତି ଜିଲାର ଗୁମ୍ମା ଓ ଆର.ଉଦୟଗିରି ବ୍ଲକରେ ନୂତନ 'ଆମ ବସଷ୍ଟାଣ୍ଡ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଗୁମ୍ମାରେ ୦.୬୮ ଏକର ଜମିରେ ଏହା ନିର୍ମାଣ ହୋଇଥିଲା ବେଳେ ଆର.ଉଦୟଗିରିରେ ୦,୭୦ ଏକର ଜାଗାରେ ନିର୍ମିତ ହୋଇଛି। ସେହିପରି ମୋହନା ବ୍ଲକରେ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ ସକାଶେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଏହି ବସ ଷ୍ଟାଣ୍ଡ ୧.୫୦ ଏକର ଜାଗାରେ ନିର୍ମିତ ହେବାକୁ ସ୍ଥିର କରାଯାଇଅଛି। ଆଗକୁ ଏହାର ରୂପରେଖ କିଭଳି ହେବ ତାହା ବର୍ତ୍ତମାନ ସୁଦ୍ଧା ସ୍ଥିରୀକୃତ ହୋଇ ପାରିନାହିଁ। ଏହାର ଶେଷ ନକ୍ସା ପ୍ରସ୍ତୁତି ପରେ ରୂପରେଖ ପ୍ରସ୍ତୁତ ହେବ ବୋଲି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## କମଳା ପ୍ରକାଶନୀ ପକ୍ଷରୁ ରକ୍ତଦାନ ଶିବିର

ଫୁଲବାଣୀ ୨୩।୮(ରାକେଶ କୁମାର ରାଉତ )

ଫୁଲବାଣୀ କମଳା ପ୍ରକାଶନୀ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ରକ୍ତଭଣ୍ଡାର ଠାରେ ଅନୁଷ୍ଠିତ ଏହି ଶିବିରରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ଦାରା ପ୍ରକାଶିତ ଏବଂ ଏହାର ପ୍ରତିଷ୍ଠାତା ସଦସ୍ୟ ଡ. ନୃସିଂହାନନ୍ଦ ମହାପାତ୍ରଙ୍କ ଦ୍ୱାରା ଲିଖିତ ଅନେକ ପୁସ୍ତକ ଉପହାର ରୁପେ ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଫୁଲବାଣୀ ଉପଜିଲାପାଳ ଶେଷଦେବ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଫୁଲବଣୀ ଆଇଟିଆଇର ଅଧ୍ୟକ୍ଷ ଇଂ.ପ୍ରକାଶ ଚନ୍ଦ୍ର ସେଠୀ, ରକ୍ତ ଭଣ୍ଡାର ଅଧିକାରୀ ଡା. ଜୟଦିପ ଘୋଷ, ରକ୍ତଦାନ ସମିତି ର ସହ-ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, କମଳା ପ୍ରକାଶନୀର ସଭାପତି ରାମକୃଷ୍ଣ ବେହେରା, କୈଳାଶ ଚନ୍ଦ୍ର ଧଳ, ଉପସଭାପତି ଦୁର୍ଯ୍ୟୋଧନ ପ୍ରଧାନ, ସୁରମା ମହାନ୍ତି, ସାଧାରଣ ସମ୍ପାଦକ ମନୋଜ କୁମାର ଖାଡଙ୍ଗା, ଟିମ ହ୍ୟୁମାନିଟି କନ୍ଧମାଳର ଆବାହକ ଭି. ଲୋକନାଥ ରାଜୁ, ବରିଷ୍ଠ ନାଗରିକ ଅନନ୍ତଚରଣ ମିଶ୍ର, ରବିନାରାୟଣ ମିଶ୍ର, ପ୍ରଫୁଲ୍ଲ ମହାନ୍ତି ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଡ. ନୃସିଂହାନନ୍ଦ ମହାପାତ୍ର ଓ ଫୁଲବାଣୀ ଆଇଟିଆଇର ପ୍ରଶିକ୍ଷଣ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ର ରକ୍ତଦାନ କରିଥିଲେ। ପରେ ଅନୁଷ୍ଠାନର ସଦସ୍ୟ, ଆଇଟିଆଇ ଓ ପଲିଟେକନିକ କଲେଜର ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତ ଭଣ୍ଡାରର କର୍ମଚାରୀ ଦିନକୃଷ୍ଣ ମହନ୍ତ,ସୁଜିତ କୁମାର ସାହୁ, ପ୍ରଶାନ୍ତ କୁମାର ରତ୍ନାଲୁ, ବରୁଣ ବେହେରା ଓ ସଞ୍ଜୁକ୍ତା ଦଳଛତ୍ର ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ମୋଟ ୬୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ, ଡିମିରିଗୁଡ଼ା ଚାମ୍ପିୟନ

ଫିରିଙ୍ଗିଆ,୨୩।୮(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଫିରିଙ୍ଗିଆ ଖେଳ ପଡିଆରେ ଆୟୋଜିତ ଚାରି ଦିନିଆ ଆମ ପୋଲିସ ସମିତିର ବନ୍ଧୁତ୍ୱ ପୂର୍ଣ୍ଣ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି । ମୁଖ୍ୟ ଅତିଥି ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମହନ୍ତ, ଅନୁଷ୍ଠାନିକ ଭାବରେ ଉଦ୍‌ଯାପନୀ ଖେଳକୁ ଆରମ୍ଭ କରିଥିବା ବେଳେ ଜିଲା କ୍ରୀଡା ଅଧିକାରୀ ସମୀର କୁମାର ନାୟକ, ପୂର୍ବତନ ବିଧାୟକ ଦୁଗୁନି କହଁର, ଆଇଆରବି ସୁବେଦାର ଦାଶରଥି ସୁରେନ, ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଅତିରିକ୍ତ ଥାନା ଅଧିକାରୀ ଅଜୟ ସାହୁ, ଏଏସ୍‌ଆଇ ପ୍ରମୋଦ ପ୍ରଧାନ,


ଟ୍ରଫି ସହ ଚାମ୍ପିୟନ ଟିମ୍ ।

ଦେବାଶିଷ ମଣ୍ଡଳ, ଏଏସଆଇ କୃଷ୍ଣ ଚନ୍ଦ୍ର ଗୌଡ଼ ଗୋଷ୍ଠୀ ସାସ୍ତ୍ୟ ଅଧିକାରୀ ସୁମନ୍ତ କୁମାର ମାଝୀ, ଖଜୁରୀ ପଡା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କହଁର ଓ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ। ୧୬ଟି ପଞ୍ଚାୟତର ୧୬ ଫୁଟବଲ ଟିମ ଯୋଗ ଦେଇଥିବା ବେଳେ ଫାଇନାଲ ଖେଳରେ କେଳାପଡା ପଞ୍ଚାୟତ ସହ ଡିମିରି ଗୁଡା ପଞ୍ଚାୟତ ଟିମ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ନଥିବା ବେଳେ ଖେଳର ଦ୍ବତୀୟାର୍ଦ୍ଧ ରେ ମଧ କେହି କାହାରିକୁ ଗୋଲ ଦେଇ ପାରି ନଥିଲେ । ଶେଷରେ ପେନାଲଟିକର ସହାୟତା ନିଆ ଯାଇଥିଲା ପେନାଲଟିକ ରେ ଡିମିରି ଗୁଡା ପଞ୍ଚାୟତ ର ଟିମ ୩ -୨ ଗୋଲରେ ବିଜୟ ଲାଭ କରିଥିଲା। ଖେଳକୁ ରେଫରୀ ଭାବରେ ରୋହିତ ନାୟକ, ସରୋଜ ମଲିକ, ବିଶ୍ୱନାଥ କହଁର, ତଣ୍ଡେଶ୍ୱର କହଁର, ପ୍ରଫୁଲ କହଁର, କ୍ରୀଡା ପରିଚାଳନା କରିବା ସହ ଚତୁର୍ଥ ରେଫରୀ ଦାଇତ୍ୱ ତୁଲାଇ ଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା।

## ବନ୍ଦଘରୁ ଯୁବକଙ୍କ ମୃତଦେହ ଜବତ

ଆସିକା,(ସୁରେନ୍ଦ୍ର ନାଥ ସାହୁ)-ଆସିକା ସହର ଉପକଣ୍ଠ କାଳଷଣ୍ଡପୁର ବ୍ରାହ୍ମଣ ସାହିରେ ଏକ ବନ୍ଦଘରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ନିରାକାର ଆଚାର୍ଯ୍ୟ (୪୫) । ଘରୁ ଦୁର୍ଗନ୍ଧ ବାହାରିବା ପରେ ସାହି ପଡ଼ିଶା ପୋଲିସରେ ଖବର ଦେଇଥିଲେ। ଆସିକା ଥାନା ଅଧିକାରୀ ସ୍ୱରୂପ କିଶାନ, ଅତିରିକ୍ତ ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ ଦେବୀ ପ୍ରାସାଦ ବାରିକଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ବାଥ ରୁମରେ ପଡ଼ିଥିବା ମୃତଦେହ ଜବତ କରିଥିଲେ। ତେବେ ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ୧୦/୨୩ ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ସଂକ୍ଷେପରେ**

## ରେଳଧାରଣାରୁ ବୃଦ୍ଧଙ୍କ ମୃତଦେହ ଜବତ

ବ୍ରହ୍ମପୁର,୨୩।୮(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ବୁଧବାର ବ୍ରହ୍ମପୁର ରେଳଷ୍ଟେଶନ ନିକଟ ଜେଲ ଗେଟ ସମ୍ମୁଖ ରେଳଧାରଣାରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ତାଙ୍କର ପରିଚୟ ମିଳିପାରି ନାହିଁ। ତାଙ୍କ ବୟସ ଆନୁମାନିକ ୬୦ରୁ ୬୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ଶବ ସଂରକ୍ଷଣ ଗୃହରେ ସଂରକ୍ଷିତ ରଖାଯାଇଛି। ଏ ନେଇ ୬୧/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟକ୍ତି ଜଣଙ୍କ ରେଳଧାରଣା ଅତିକ୍ରମ କରୁଥିବା ବେଳେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରୁଛି। ମୃତଦେହକୁ ୪ ଦିନ ପାଇଁ ସଂରକ୍ଷିତ ରଖାଯିବ ବୋଲି ପୋଲିସ ସୂଚନା ଦେଇଛି।

## ପାନୀୟରେ ନିଶା ଦେଇ ସୁନା ଚେନ୍ ଚୋରି

ବ୍ରହ୍ମପୁର,୨୩।୮(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ବ୍ୟକ୍ତିଙ୍କ ସୁନା ଚେନ୍ ଚୋରି କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମିଟୁ ସାହୁ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଚୋରି ସୁନା ଚେନ ଉଦ୍ଧାର କରିଛି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଶ୍ରୀକାନ୍ତଙ୍କ ଘର କନ୍ଧମାଳ ଜିଲା ଖଜୁରୀପଡ଼ା ବନ୍ଧସାହି। ସେ କୌଣସି କାମରେ ଦୁଇ ଦିନ ତଳେ ବ୍ରହ୍ମପୁର ଆସିଥିଲେ। ଏଠାରେ ଲାଞ୍ଜିପଲ୍ଲୀ ଅଡୁଆ ସାହିର ମିଟୁ ସାହୁଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ମିଟୁ ତାଙ୍କୁ ଘରେ ରହିବାକୁ କହିଥିଲେ। ଫଳରେ ମିଟୁ କଥାରେ ବିଶ୍ୱାସ କରି ଶ୍ରୀକାନ୍ତ ତାଙ୍କ ଘରେ ରହିଥିଲେ। ହେଲେ ରାତିରେ ମିଟୁ ତାଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇଥିଲେ। ବୁଧବାର ସକାଳେ ଉଠିବା ପରେ ନିଜ ସୁନା ଚେନ୍ ନ ଥିବା ଶ୍ରୀକାନ୍ତ ଜାଣିଥିଲେ। ଏକଥା କାହାକୁ ନ କହିବା ପାଇଁ ମିଟୁ ତାଙ୍କୁ ଧମକ ଦେଇଥିଲେ। ଫଳରେ ଶ୍ରୀକାନ୍ତ ମିଟୁଙ୍କ ସହ ଯୁକ୍ତି ନ କରି ପଳାଇ ଆସି ଥାନାରେ ଅଭିଯୋଗ କରିଥିଲେ।

## ନବବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ

ଗୁମ୍ମା,୨୩।୮(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ ଗାଇବା ଗ୍ରାମର ବର୍ଷା ମହାନ୍ତି ରାୟଗଡା ଜିଲା ଗୁନ୍ଥୁଲି ଗ୍ରାମର ସନ୍ତୋଷ ପାତ୍ରଙ୍କ ସହ ଜୁନ ୨୮ରେ ବାହାଘର ହୋଇଥିଲା। ବାହାଘରର ୩ ମାସ ନ ପୂରୁଣୁ ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ବର୍ଷାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ଗତ କିଛି ଦିନ ହେବ ଯୌତୁକକୁ ନେଇ ବର୍ଷା ସହ ତା'ଙ୍କ ଶାଶୁ ଯୁକ୍ତିତର୍କ କରିଥିଲେ। ବର୍ଷାଙ୍କ ବାପା ରାୟଗଡା ଜିଲା ପୁଟାସିଂ ଥାନାକୁ ଯାଇ ଏତଲା ଦେଇଛନ୍ତି। ଥାନା ଅଧିକାରିଣୀ ଗୁନ୍ଥୁଲି ଗ୍ରାମକୁ ଯାଇ ମୃତଦେହ ଜବତ କରିଛନ୍ତି। ବ୍ୟବଚ୍ଛେଦ ନିମନ୍ତେ ଗୁଣୁପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ରିପୋର୍ଟ ଆସିଲା ପରେ ପ୍ରକୃତ ଘଟଣା ଜଣାପଡ଼ିବ।

# ଗଞ୍ଜାମରେ ହେବ ୯ ଆମ ବସ୍‌ଷ୍ଟାଣ୍ଡ

ଛତ୍ରପୁର,୨୩।୮(ସନ୍ତୋଷ ପାଢ଼ୀ)

**ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ**



ଉପସ୍ଥିତ ଏମପି, ବିଧାୟକ, ଜିଲ୍ଲାପାଳ ଓ ଅନ୍ୟମାନେ।

ପରିବହନ କ୍ଷେତ୍ରରେ ସୁଧାର ଆଣିବା ନିମନ୍ତେ ଆମ ବସଷ୍ଟାଣ୍ଡ ନିର୍ମାଣ କରାଯାଉଛି। ସାଧାରଣ ଲୋକଙ୍କ ଯୋଗାଯୋଗ ପାଇଁ ଏହା ଏକ ପ୍ରମୁଖ ମାଧ୍ୟମ । ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୫୫ଟି ଆମ ବସଷ୍ଟାଣ୍ଡ ନିର୍ମାଣ ହୋଇଥିବା ବେଳେ ସେଥିମଧ୍ୟରୁ ୨୧ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ବୁଧବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଦ୍ୱିତୀୟ ପର୍ଯ୍ୟାୟରେ ୨୬ ଜିଲାର ୧୨୪ଟି ଆମ ବସଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେଥିମଧ୍ୟରେ ଗଞ୍ଜାମ ଜିଲାର ୯ଟି ଯଥା ଗଞ୍ଜାମ, କବିସୂର୍ଯ୍ୟନଗର, ସାନଖେମୁଣ୍ଡି, ଖଲ୍ଲିକୋଟ, ଧରାକୋଟ, ଜଗନ୍ନାଥପ୍ରସାଦ, ସୋରଡା, ପୁରୁଷୋତ୍ତମପୁର ଏବଂ ପୋଲସରା ବସଷ୍ଟାଣ୍ଡ ରହିଛି। ଆମ ବସଷ୍ଟାଣ୍ଡରେ ଅନେକ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି । ଏହାଦ୍ୱାରା ଜନ ସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ। ପ୍ରତ୍ୟେକ ଜୀବନ ମୂଲ୍ୟବାନ । ଏଣୁ ପରିବହନ କ୍ଷେତ୍ରରେ ସୁଧାର ଆଣିବା ନିମନ୍ତେ ବ୍ରହ୍ମପୁରଠାରେ ସୁବାହକ ତାଲିମ କେନ୍ଦ୍ର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉନ୍ମୋଚନ କରିଥିଲେ । ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, ଏମଭିଆଇ ରବୀନ୍ଦ୍ର ନାଥ ଜେନା ଓ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ସୁମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଜାତୀୟ ପତାକା ଉତ୍ତୋଳନର ୫ ବର୍ଷ ପୂର୍ତ୍ତି



କାର୍ଯ୍ୟକ୍ରମରେ ଉପସ୍ଥିତ ଏମପି ଓ ଅନ୍ୟମାନେ।

ବ୍ରହ୍ମପୁର,୨୩।୮(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହରର କୋର୍ଟପେଟା ଛକସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ୨୦୧୮ ଅଗଷ୍ଟ ୧୫ ତାରିଖରେ ପ୍ରଥମ ଥର ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହାର ପରଦିନ ଅର୍ଥାତ୍ ୧୬ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପରଲୋକରେ ରାଷ୍ଟ୍ରୀୟ ଶୋକ ପାଳନ କରାଯାଇଥିଲା। ସେହିବର୍ଷ ଅଗଷ୍ଟ ୨୩ ତାରିଖଠାରୁ କୋର୍ଟପେଟା ଛକରେ ପ୍ରତିଦିନ ଜାତୀୟ ପତାକା ଉତ୍ତୋଳନ କରାଯାଉଛି। ବୁଧବାର ଏହାର ୫ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଭାଜପା ଗଞ୍ଜାମ ଜିଲା ସଭାପତି ବିଭୂତି ଭୂଷଣ ଜେନାଙ୍କ ସମେତ ରାମ କୁମାର ପାତ୍ର, ପ୍ରଭାତ କିରଣ ଷଡଙ୍ଗୀ, ମହେଶ୍ୱର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ମାତା ପୂଜନ ଓ ଜାତୀୟ ପତାକାକୁ ସମ୍ମାନ ଜଣାଇଲେ ଦେଶପାଇଁ ମନରେ ଗର୍ବ ଭାବ ସୃଷ୍ଟି ହେବ ବୋଲି ଏମ୍‌ପି ଓ ଅନ୍ୟ ବ୍ୟକ୍ତି ବିଶେଷ ମତ ପ୍ରକାଶ କରିଥିଲେ।



ଚନ୍ଦ୍ରୟାନ-୩ ପାଇଁ ଗୁରୁବାର ଛତ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହୋଇଥିବା ଯଜ୍ଞରେ ଉପସ୍ଥିତ ଛାତ୍ରୀଛାତ୍ର ।

## ୨୪ ମାମଲାର ଅଭିଯୁକ୍ତ ସାଗର ଗିରଫ

**ଦୁଇ ଗୋଷ୍ଠୀ ପକ୍ଷରୁ ବୋମାମାଡ଼ ଘଟଣା**

ବ୍ରହ୍ମପୁର,୨୩।୮(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ମାଛ ବଜାର ନିକଟ କେନାଲ ସାହିରେ ଗତ ୧୬ ତାରିଖ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ବୋମାମାଡ ହୋଇଥିଲା। ଗୋଟିଏ ଗୋଷ୍ଠୀର ଅଭିଯୁକ୍ତ ଗଣେଶ ନଗରର ସାଗର ମୁଳିଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସାଗରଙ୍କ ବିରୋଧରେ ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ଥାନାରେ ୨୪ଟି ମାମଲା ରହିଥିବା ପୋଲିସ କହିଛି। ମାମଲା ନମ୍ବର ୩୦୦/୨୩ ରେ ବୁଧବାର ତାଙ୍କୁ କୋର୍ଟ ଚାଲାଣ କରିଛି। କୋର୍ଟ ନିର୍ଦ୍ଦେଶରେ ସାଗରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଗତ ୧୮ ତାରିଖରେ ପୋଲିସ ଏହି ମାମଲାରେ ଅନ୍ୟ ଏକ ଗୋଷ୍ଠୀର ଅମିତ ନାୟକ ଓରଫ ରାଜା ଓ ସତ୍ୟନାରାୟଣ ଦାସ ଓରଫ ହିରୋଙ୍କୁ ଗତ ୧୮ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀ ମଧ୍ୟରେ ଏହି ବୋମାମାଡ ହୋଇଥିଲା ବୋଲି ବଡବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ବୋମା, ଖଣ୍ଡା ଜବତ କରାଯାଇଥିଲା। ଏହି ଗୋଷ୍ଠୀ ସଂଘର୍ଷ ମାମଲାରେ ଉଭୟ ପାଖର ୯ରୁ ଉର୍ଦ୍ଧ ଜଣଙ୍କ ସମ୍ପୃକ୍ତି ନେଇ ମାମଲା ରୁଜୁ ହୋଇଛି। ଘଟଣା ପରେ ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏମ୍‌କେସିଜି ପରିଦର୍ଶନ



କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ଆସିଥିବା ଟିମ୍।

ବ୍ରହ୍ମପୁର,୨୩।୮(ସୁବାସ ଚନ୍ଦ୍ର ପାଢ଼ୀ)

କଲିକତାରୁ ଆସିଥିବା କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୪ ଜଣିଆ ଟିମ୍ ଏମକେସିଜି ମେଡିକାଲର ଜୈବ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଦେବବ୍ରତ ଦାସଙ୍କ ନେତୃତ୍ୱରେ ବୁଧବାର ଏହି ଟିମ ଜୈବ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ରହିଥିବା ଅନଲାଇନ ମନିଟରିଂ ସିଷ୍ଟମ ଠିକ ଭାବରେ କାର୍ଯ୍ୟକାରୀ କରୁ ନଥିବା ଟିମ ସଦସ୍ୟାମାନେ କହିଥିଲେ। ଏଥିସହ ମେଡିକାଲରୁ ନିର୍ଗତ ଜୈବ ବର୍ଜ୍ୟବସ୍ତୁ ଜଳକୁ ଟ୍ରିଟମେଣ୍ଟ ପରେ ନାଳକୁ ଛଡ଼ା ଯାଉଥିବା ଇଟିପି ପ୍ଲାଣ୍ଟ (ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ)କୁ ଉକ୍ତ ଟିମ୍ ବୁଲି ଦେଖିଥିଲେ। ପରେ କେନ୍ଦ୍ରରେ ଥିବା ସ୍ରେଡର ମେସିନର ଓ ଇନ୍ସିନେଟର ପରିଚାଳନା ବ୍ୟବସ୍ଥାକୁ ଦେଖିବା ସହ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏମକେସିଜିର ଜୈବ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରର ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ପରେ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଟିମ୍ ଫେରିଥିଲେ।

## ସହରତଳି ଅଞ୍ଚଳ ମିଶ୍ରଣ ନେଇ ୫-ଟି ସଚିବଙ୍କ ସମୀକ୍ଷା ଦାବି

ବ୍ରହ୍ମପୁର,୨୩।୮(ସ୍ମୃତି ରଞ୍ଜନ ମହାଲିକ)

୫-ଟି ସଚିବ ବ୍ରହ୍ମପୁର ଗସ୍ତ ସମୟରେ ସହରତଳି ଅଞ୍ଚଳ ବ୍ରହ୍ମପୁର ମହାନଗର ନିଗମ(ବିଇଏମସି)ରେ ମିଶ୍ରଣ ପ୍ରସଙ୍ଗରେ ସମୀକ୍ଷା କରିବା ପାଇଁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। କମିଟି ପକ୍ଷରୁ କୁହାଯାଇଛି, ୨୦୦୮ ଗେଜେଟ ନୋଟିଫିକେଶନ ଅନୁଯାୟୀ ବ୍ରହ୍ମପୁର ମହାନଗର ପରିସୀମାକୁ ବର୍ଦ୍ଧିତ କରାଯାଇ କେଉଁ କାରଣରୁ ଏକ ପୂର୍ଣ୍ଣାଙ୍ଗ ଓ ବୃହତ୍ତର ମହାନଗର ନିଗମରେ ପରିଣତ କରାଯାଇ ନାହିଁ ସେ ସଂପର୍କରେ ୫-ଟି ସଚିବ ସମୀକ୍ଷା କରନ୍ତୁ। ସେହିପରି ବ୍ରହ୍ମପୁର ଉପଖଣ୍ଡକୁ ଜିଲା ମାନ୍ୟତା, ବେଆଇନ ଭାବେ ହଳଦିଆପଦର ସିଟି ବସଷ୍ଟାଣ୍ଡ ସ୍ଥାନାନ୍ତର, ଦକ୍ଷିଣାଞ୍ଚଳ ସ୍ୱୟଂ ଶାସିତ କାଉନସିଲ ଗଠନ, ଗୋପାଳପୁର ବନ୍ଦରକୁ ସବୁଦିନିଆ କରିବା, ବ୍ରହ୍ମପୁର ରେଳ ଷ୍ଟେସନର ବିକାଶ, ବ୍ରହ୍ମପୁରର ପାଟ ଶାଢି ଓ ବସ୍ତ୍ର ଶିଳ୍ପ ଅଭିବୃଦ୍ଧି ସମେତ ବିଭିନ୍ନ ଉନ୍ନୟନ ମୂଳକ ପ୍ରସ୍ତାବ ଉପରେ ସମୀକ୍ଷା କରିବା ପାଇଁ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଦାବି କରିଛନ୍ତି।

## ଜିଲାର ୭ ହାଇସ୍କୁଲ ସରକାରୀକରଣ ଦାବି

ବ୍ରହ୍ମପୁର,୨୩।୮(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲାର ବ୍ରହ୍ମପୁର ସହରରେ ରହିଥିବା ବହୁ ପୁରାତନ କେ.ସି. ହାଇସ୍କୁଲ, କେ.ସି. ଗାର୍ଲସ ଓ କେ. ସି. ଟାଉନ ହାଇସ୍କୁଲ ସମେତ ଗୌତମୀ ହାଇସ୍କୁଲ, ବେଲଗୁଣ୍ଠା ଗାର୍ଲସ ହାଇସ୍କୁଲ, ସୋରଡା ଟେକ୍ନିକାଲ ହାଇସ୍କୁଲ ଓ ନୂଆପେଣ୍ଠ ହାଇସ୍କୁଲର ସରକାରୀକରଣ ପାଇଁ ସଂସ୍କାରବାଦୀ ସଂଗଠନ ଦାବି କରିଛି। ଏହି ଦାବିକୁ ନେଇ ଆସନ୍ତା ୨ ତାରିଖରେ କେ.ସି ହାଇସ୍କୁଲ ସମ୍ମୁଖରେ ପଥପ୍ରାନ୍ତ ସଭା ଓ ୮ ତାରିଖରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ମଙ୍ଗଳବାର ବିଜିପୁରଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ୭ଟି ହାଇସ୍କୁଲ ସରକାରୀକରଣ ସମେତ ୨୦୧୭ରୁ ବେଆଇନ ଭାବେ କେ.ସି ହାଇସ୍କୁଲ ପରିସରରେ ଚାଲିଥିବା ଇଂରାଜୀ ମାଧ୍ୟମ କେ. ସି ପବ୍ଲିକ ସ୍କୁଲକୁ ତୁରନ୍ତ ସ୍ଥାନାନ୍ତର ଓ କେସି ହାଇସ୍କୁଲରେ ସ୍ୱଳ୍ପ ଦରମାରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସରକାରୀ ନିଯୁକ୍ତି ପାଇଁ ଦାବି ହୋଇଥିଲା। ବୈଠକରେ ସଂଘର ସଭାପତି ତ୍ରିନାଥ ମହାରଣା, ଜିଲା ବିକାଶ ମଞ୍ଚ ସଭାପତି ରାଜେନ୍ଦ୍ର ପଣ୍ଡା, ଆଇନଜୀବୀ ପ୍ରଭାତ କୁମାର ମିଶ୍ର, ଓଷ୍ଟା ସଂପାଦକ ବିଜୟ କୁମାର ବେହେରା, ସଂସ୍କାରବାଦୀ ସଂଘ ସଂପାଦକ ହିମାଂଶୁ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**କ୍ରିପ୍ଟୋ କରେନ୍ସି ଜରିଆରେ ୮୫ଲକ୍ଷ ଠକେଇ ମାମଲା**

## ଅଭିଯୁକ୍ତଙ୍କ ଜାମିନ ଖାରଜ

ବ୍ରହ୍ମପୁର,୨୩।୮(ସୁବାସ ଚନ୍ଦ୍ର ପାଢ଼ୀ) କ୍ରିପ୍ଟୋ କରେନ୍ସିର ଲୋଭ ଦେଖାଇ ବିଟ କଏନରେ ଟଙ୍କା ବିନିଯୋଗ କରିବାକୁ କହି ୮୫ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଝାଡ଼ଖଣ୍ଡ ହଂସାହୁଡ଼ି ସ୍ଥିତ ବିଶ୍ରାମୁଣ୍ଡା ଷ୍ଟାଡିୟମ ସାରା ଅଞ୍ଚଳର ଜ୍ଞାନରଞ୍ଜନ ଷଡ଼ଙ୍ଗୀଙ୍କୁ ଗତ ୧୧ ତାରିଖରେ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ବୁଧବାର ତାଙ୍କ ଜାମିନ ପାଇଁ ଆଇନଜୀବୀ ପ୍ରଦୀପ ବେହେରା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁଙ୍କ କୋର୍ଟରେ ଆବେଦନ କରିଥିଲେ। ତାଙ୍କ ଜାମିନ ଆବେଦନକୁ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିବା ଏପିପି ରଜତ କୁମାର ଦାସ ଦୃଢ଼ ବିରୋଧ କରିଥିଲେ। ଭିଜିଲାନ୍ସ ଜଜ ଉକ୍ତ ଜାମିନ ଆବେଦନକୁ ଖାରଜ କରିଦେଇଥିବା ଏପିପି ଦାଶ୍ ବୁଧବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗୋଦାବରିଶ ନଗର ପ୍ରଥମ ଲାଇନର ସାର୍ଥକ ମହାନ୍ତି ଜଣେ ବ୍ୟବସାୟୀ। ଜ୍ଞାନ ରଞ୍ଜନଙ୍କ ସହ ଗତବର୍ଷ ସାର୍ଥକଙ୍କ ପରିଚିତ ହୋଇଥିଲା। ଷ୍ଟକ ମାର୍କେଟରେ ଇନଭେଷ୍ଟ ଓ କାଜୁ ବ୍ୟବସାୟ କରିବାକୁ କହିଥିଲେ। ତେଣୁ ବର୍ଷକ ମଧ୍ୟରେ ସାର୍ଥକ ପର୍ଯ୍ୟାୟକ୍ରମେ ୮୫ ଲକ୍ଷ ଟଙ୍କା ଦେଇଥିଲେ। ୫ ମାସ ପରେ ସାର୍ଥକ ଜ୍ଞାନରଞ୍ଜନଙ୍କୁ ଲାଭାଂଶ ମାଗିଥିଲେ। କିଛି ଦିନ ପରେ ଲାଭ ବାବଦକୁ ସେ କିଛି ଟଙ୍କା ସାର୍ଥକଙ୍କୁ ଦେଇଥିଲେ। ଏହା ପରେ ସେ ଟଙ୍କା ଠକି ନେଇ ଫେରାର ହୋଇଯାଇଥିଲେ ।

# ଗିରିଶୃଙ୍ଗ ଆରୋହଣ କରି ମଧୁସ୍ମିତାଙ୍କ ରେକର୍ଡ

ବ୍ରହ୍ମପୁର,୨୩।୮(ତନୁଶ୍ରୀ ନାହାକ)

ଋଷିଆର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ ଏଲବ୍ରସ ସଫଳତାର ସହ ଆରୋହଣ କରି ପୁଣି ରେକର୍ଡ଼ ସୃଷ୍ଟି କରିଛନ୍ତି ବ୍ରହ୍ମପୁର ଝିଅ ମଧୁସ୍ମିତା ପାତ୍ର। ମଧୁସ୍ମିତା ଗତ ୧୦ ତାରିଖରେ ଦିଲ୍ଲୀରୁ ଋଷିଆ ଅଭିମୁଖେ ଯାତ୍ରା କରିଥିଲେ। ୧୧ରେ ସେଠାରେ ପହଞ୍ଚି ସେଠାକାର ୧୫ ଜଣିଆ ଦଳ ସହ ୫,୬୪୨ ମିଟର ବିଶିଷ୍ଟ ପର୍ବତାଶୃଙ୍ଗ ଆରୋହଣ ଆରମ୍ଭ କରିଥିଲେ। ଏହି ପର୍ବତାରୋହଣ ନିମନ୍ତେ ତାଙ୍କୁ ପ୍ରାୟ ୬ ଦିନ ଲାଗିଥିଲା। ମଧୁସ୍ମିତାଙ୍କ କହିବା ମୁତାବକ ପ୍ରଥମଥର ପାଇଁ ସେ ସମ୍ପୂର୍ଣ୍ଣ ଗ୍ଲେସିୟର ଆଚ୍ଛାଦିତ ପର୍ବତ ଆରୋହଣ କରିଥିଲେ। ଏଠାରେ ବେସ କ୍ୟାମ୍ପରେ ତାପମାତ୍ରା ମାଇନସ୍ ୫ ଡ଼ିଗ୍ରୀ ରହିଥିବା ବେଳେ ଗିରିଶୃଙ୍ଗ ଶିଖରରେ ମାଇନସ ୧୫ରୁ ମାଇନସ ୨୦ ଡ଼ିଗ୍ରୀ ତାପମାତ୍ରା ରହିଥିଲା। ପର୍ବତ ଚଢ଼ିବା ନିମନ୍ତେ ତାଙ୍କୁ କୌଣସି ଅସୁବିଧା ହୋଇନଥିଲା। ମଧୁସ୍ମିତା ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବା ପରେ ସ୍ଥାନୀୟ ବିଧାୟକ ବିକ୍ରମ କୁମାର ପଣ୍ଡା, ସୁବାଷ ମହାରଣାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ମାଉଣ୍ଟ ଏଲବ୍ରସ୍ ଶିଖରରେ ମଧୁସ୍ମିତା।

ସୂଚନାଯୋଗ୍ୟ, ମଧୁସ୍ମିତା ପୂର୍ବରୁ ଦକ୍ଷିଣ ଆଫ୍ରିକାର କାଲିମାଞ୍ଜାରୋ ପର୍ବତ ଆରୋହଣ କରି ରେକର୍ଡ଼ କରିଥିଲେ। ଆଗାମୀ ଦିନରେ ଉତ୍ତର ଆମେରିକାର ଆନକାଗୁଆ ପର୍ବତ ଆରୋହଣ ନିମନ୍ତେ ସେ ଲକ୍ଷ୍ୟ ରଖିଛନ୍ତି।

## ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଦିଗପହଣ୍ଡି,୨୩।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସହର ଉପକଣ୍ଠ ଏନ୍‌ଏସି ତନଖି ଫାଟକ ନିକଟରେ ବୁଧବାର ଅପରାହ୍ନରେ ଏକ ଯାତ୍ରୀବାହୀ ବସ୍ ମାଡିଯିବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଭାଲିଆଖୋଳା ଗ୍ରାମର ମହେଶ୍ୱର ବାଡ଼ତ୍ୟା। ସେ ତାଙ୍କ ବାଇକ୍ ଯୋଗେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ମହାଲକ୍ଷ୍ମୀ ବସ୍ ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ମହେଶ୍ୱରଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ଜବତ କରି ମକଦ୍ଦମା ରୁଜୁ କରାଯିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ଥାନା ଆଇଆଇସି ଦିପ୍ତୀରଞ୍ଜନ ବେହେରା କହିଛନ୍ତି। ବସ୍ ଚାଳକ ଫେରାର ଅଛନ୍ତି।

## ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ରାଜ୍ୟ ଉପ ସଭାପତି ହେଲେ କୁନା ଦିଗାଲ

ଖଜୁରୀପଡ଼ା,୨୩।୮(ବିଦୁର ବେହେରା)

କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଲମ୍ବାଗୁଡରି ଗ୍ରାମର କୁନା ଦିଗାଲ ରାଜ୍ୟର ବିଭିନ୍ନ ଜିଲାକୁ ଯାଇ ଲୋକମାନଙ୍କୁ ମାପ ଓଜନର ଠକେଇ ଏବଂ ବିଭିନ୍ନ ପ୍ରକାରର ସଚେତନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। କୁନା ଦିଗାଲଙ୍କ ଏହି ପ୍ରକାର ସମାଜ ସେବାରେ ଲିପ୍ତ ଥିବାବେଳେ ବିଭିନ୍ନ ସମୟରେ ଉପଭୋକ୍ତାମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ଅଗ୍ରଣୀ ଭୂମିକା ନିଭାଇ ଆସୁଛନ୍ତି। ସରକାରୀ ବେସରକାରୀ ସ୍କୁଲ କଲେଜରେ ଖାଦ୍ୟର ମାନ ତଦାରଖ କରିବା ସହିତ ବିଭିନ୍ନ ଅନୁଷ୍ଠାନରେ ଦିଆ ଯାଉଥିବା ଖାଦ୍ୟର ମାନ ତଦାରଖ କରିବା ସହିତ ରାସନ ସମଗ୍ରୀ ବିକ୍ରି କରୁଥିବା ଦୋକାନ୍, ପେଟ୍ରୋଲ୍ ପମ୍ପ, ଗ୍ୟାସ୍, କପଡ଼ା, ଡ୍ରେସ୍ ଦୋକାନମାନଙ୍କରେ ଉପଭୋକ୍ତାମାନଙ୍କୁ ଚଢ଼ା ଦରରେ ବିକ୍ରି କରୁଥିବାକୁ ନେଇ ତଦାରଖ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ଦାୟିତ୍ୱ ଦେଇଛି। ଦିଗାଲଙ୍କ ଏହି ନିଯୁକ୍ତି ପାଇଁ ତାଙ୍କୁ ଅଞ୍ଚଳବାସୀ ତଥା ଅନ୍ୟତମ ଉପଭୋକ୍ତା ଗ୍ରାହକ କଲ୍ୟାଣ ପରିଷଦର ମହିଳା ଶାଖାର ରାଜ୍ୟ ସଭାପତି ସ୍ନେହାମୟୀ ଆଚାର୍ଯ୍ୟ ଏବଂ କଳାହାଣ୍ଡିର ଉପଭୋକ୍ତା କର୍ମୀ ଭବାନି ପଟ୍ଟନାୟକ, କେନ୍ଦ୍ରାପଡ଼ାର ଜୟଦେବ ବାବୁ, ପରିଷଦର ଜାତୀୟ ସଭାପତି ଅଶ୍ୱିନୀ ମେହେଡ଼ିଆ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ଚୌଧୁରୀ, ସିପିଆଇର ସଭାପତି ଡକ୍ଟର୍ ଅନନ୍ତ ଶର୍ମା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

